ସମୟ

୧୪ ସେପ୍ଟେମ୍ବର ୨୦୨୫ ରବିବାର




# AI ଖାଇବ ଚାକିରି



**ଏଆଇ କହିଲେ ଆଜିକାଲି ଛୋଟଠାରୁ ବଡ଼ ସମସ୍ତେ ଜାଣୁଛନ୍ତି, କାରଣ ଏହାର ବ୍ୟବହାର ସ୍କୁଲ ହୋମୱାର୍କଠାରୁ ଆରମ୍ଭ ହୋଇ ଅଫିସ୍ କାର୍ଯ୍ୟ ପାଖରେ ପହଞ୍ଚିଛି । ତେବେ ଏହାର ନକରାତ୍ମକତାକୁ ନେଇ ଅନେକ ସମୟରେ ବିଭିନ୍ନ ମହଲରୁ ସମାଜକୁ ଚେତାବନୀ ମିଳୁଥିବା ଦେଖିବାକୁ ମିଳୁଛି । ଏହା ଆମପାଇଁ ଯେତିକି ଭଲ ସେତିକି ଆହ୍ୱାନପୂର୍ଣ୍ଣ ଭାବେ ଉଭା ହୋଇଛି ।**

ନିକଟରେ ଏଆଇକୁ ନେଇ ଲୁଇସଭିଲ୍ଲେ ବିଶ୍ୱବିଦ୍ୟାଳୟର ପ୍ରଫେସର ରୋମାନ ୟାମପୋଲସ୍କି ଏକ ବଡ ବୟାନ ଦେଇଛନ୍ତି । ଯାହାକୁ ନେଇ ବର୍ତ୍ତମାନ ସବୁସ୍ଥାନରେ ଚର୍ଚ୍ଚା ଆରମ୍ଭ ହୋଇଛି । ଉକ୍ତ ପ୍ରଫେସରଙ୍କ ମତରେ ୨୦୩୦ ସୁଦ୍ଧା ଏଆଇ ମଣିଷ ସମାଜର କର୍ମକ୍ଷେତ୍ରରେ ପାଖାପାଖି ୯୯ ପ୍ରତିଶତ ଚାକିରି ଉପରେ ଏହାର ପ୍ରଭାବ ପଡିବ । ପ୍ରାୟ ୯୯ ପ୍ରତିଶତ ଲୋକଙ୍କ ଚାକିରି ଏଆଇ କାରଣରୁ ଚାଲିଯିବ ବୋଲି ସେ ମତ ରଖିବା ପରେ ଲୋକଙ୍କ ଭିତରେ ଆଶଙ୍କା ବଢିବାରେ ଲାଗିଛି । ଏହା ଏଆଇକୁ ନେଇ ମିଳିଥିବା ବିଭିନ୍ନ ସର୍ତକ ବାଣୀ ଭିତରେ ଖୁବ ଭୟଙ୍କର ବୋଲି ଆଲୋଚନା ହେଉଛି । ବିଶ୍ୱର ବିଭିନ୍ନ କମ୍ପାନୀ କଷ୍ଟ କଟିଂ ଓ ନିଜର ରାଜସ୍ୱବୃଦ୍ଧି କରିବା ପାଇଁ ଦ୍ରୁତ ଗତିରେ ଏଆଇର ବ୍ୟବହାର ବଢାଇବାରେ ଲାଗିଛନ୍ତି । ସେମାନେ ପ୍ରତିଟି କ୍ଷେତ୍ରରେ ଏଆଇକୁ ଆପଣାଇବାକୁ ଲାଗିଛନ୍ତି, ଯେଉଁ କାରଣରୁ ଏହାର ପ୍ରଭାବ ସିଧାସଳଖ ନିଯୁକ୍ତି ଉପରେ ପଡିଛି । ଏଆଇର ଏଭଳି ନକରାତ୍ମକ ପ୍ରଭାବରୁ କୌଣସି କ୍ଷେତ୍ର ବର୍ତ୍ତିପାରିବ ନାହିଁ ବୋଲି ସେହି ବୈଜ୍ଞାନିକ ମତ ଦେଇଛନ୍ତି । ଏଆଇ ଯେପରି ଅନେକ ଚାକିରିକୁ ମୂଳପୋଛ କରିଦେବ । ଏଆଇର ବ୍ୟବହାର କାରଣରୁ ୧୦ ପ୍ରତିଶତ ନୁହେଁ ବରଂ ୯୯ ପ୍ରତିଶତ ଚାକିରି ଅସୁବିଧାରେ ପଡିବ ବୋଲି ସେ ମତ ଦେଇଛନ୍ତି । ଏହି ଅବସ୍ଥା ଖୁବଶୀଘ୍ର ଅର୍ଥାତ ୨୦୩୦ ସୁଦ୍ଧା ଆସିବ ବୋଲି ପ୍ରଫେସର ଆକଳନ କରିଛନ୍ତି । ସେହିଭଳି ୨୦୨୭ ସୁଦ୍ଧା ଏଆଇର ଆଉଏକ ପ୍ରକାର କୃତିମ ସାଧାରଣ ବୁଦ୍ଧିମତା ବା ଏଜିଆଇ ଆସିଯିବ ବୋଲି ସେ ମତ ଦେଇଛନ୍ତି । ଏହା ଆସିବାର କିଛି ବର୍ଷ ମଧ୍ୟରେ ସମାଜର ଶ୍ରମିକ ବଜାର ଅନେକ କ୍ଷତି ସହିବ ବୋଲି ଆକଳନ କରାଯାଉଛି । ଏଆଇ ଟୁଲ୍ସ ଓ ମାନବଯୁକ୍ତ ରୋବଟ ଦ୍ୱାରା ବିନା ଖର୍ଚ୍ଚରେ କାମ କରାଯିବ । ବର୍ତ୍ତମାନ ଯେଉଁ କାର୍ଯ୍ୟ କରିବାକୁ ଏକାଧିକ କର୍ମଚାରୀଙ୍କର ଆବଶ୍ୟକତା ପଡୁଛି ସେହି କର୍ମ ଗୋଟିଏ ରୋବଟ ସହଜରେ କରିବ । ଯାହାଦ୍ୱାରା ଆଗକୁ ମାଲିକଙ୍କର ଖର୍ଚ୍ଚ କମିବ ତେଣୁ ସେମାନେ ମନୁଷ୍ୟ ଶ୍ରମିକଙ୍କୁ ଛାଡି ରୋବ ଶ୍ରମିକ ଅଧିକ ପରିମାଣରେ ରଖିବେ ବୋଲି ସେ ଆକଳନ କରୁଛନ୍ତି । ତେଣୁ ଆଗାମୀ ୫ ବର୍ଷ ଭିତରେ ଶ୍ରମିକ ମାନଙ୍କ ବଜାରରେ ଘୋର କାମ ଅଭାବ ଦେଖିବାକୁ ମିଳିବ । ପ୍ରାୟତଃ ସବୁକ୍ଷେତ୍ରରେ ଏହାର ପ୍ରଭାବ ଦେଖିବାକୁ ମିଳିବାନେଇ ଚର୍ଚ୍ଚା ଆରମ୍ଭ ହୋଇଛି । କୁଶଳୀ କିମ୍ବା ଅଣକୁଶଳୀ ସମସ୍ତଙ୍କ ଉପରେ ଏହାର ପ୍ରଭାବ ପଡିବ ବୋଲି ଆଶା ରଖାଯାଇଛି । ଏଆଇ କୁନେଇ ଏଭଳି ସତର୍କ ବାର୍ତ୍ତା ଅନେକ ସମୟରେ ଆସିବାରେ ଲାଗିଛି । ଏଭଳି ଅନେକ ବୈଜ୍ଞାନିକ ଅଛନ୍ତି ଯେଉଁମାନେ ଲୋକଙ୍କୁ ସତର୍କ କରାଇଛନ୍ତି । ଏଆଇର ବ୍ୟବହାର ମଣିଷତ୍ୱକୁ ନଷ୍ଟ କରୁଥିବା ନେଇ ଅନେକ ମତ ପ୍ରକାଶ ପାଇବାରେ ଲାଗିଛି । ଏଭଳି





ଛୋଟମୋଟ ଉଦାହରଣ ମଧ୍ୟ ଅନେକ ସମୟରେ ଦେଖିବାକୁ ମିଳୁଛି । ହେଲେ ବର୍ତ୍ତମାନର ମଣିଷ ନିଜ ସମୟ ବଞ୍ଚାଇବା ପାଇଁ ତଥା ଉନ୍ନତମାନର ଜୀବନଶୈଳୀ ବଞ୍ଚିବା ପାଇଁ ବିଜ୍ଞାନ ଉପରେ ଖୁବ ଅଧିକ ନିର୍ଭର କରୁଛି । ବିଜ୍ଞାନର ସବୁଠାରୁ ଶ୍ରେଷ୍ଠ ଉଦ୍ଭାବନ ଭାବେ ଏଆଇ ପରିଗଣିତ ହେଉଛି । ମଣିଷ ଯାହାର ବ୍ୟବହାର ମଧ୍ୟ ସବୁଠାରୁ ଅଧିକ କରୁଛି । ଦୈନନ୍ଦିନ ଜୀବନ ହେଉ କିମ୍ବା ଅଫିସର କୌଣସି କାମ ହେଉ ସବୁସ୍ଥାନରେ ଏଆଇର ବ୍ୟବହାର ଖୁବ ଅଧିକ ରହୁଛି ।

## ନକରାତ୍ମକତା

ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସିକୁ ବ୍ୟବହାର କରି କେବଳ ଯେ ଆମେ ଲାଭ ପାଉଛି ତାହା ନୁହେଁ ଏହାର କିଛି ଦିଗ ମଧ୍ୟ ଏଭଳି ରହିଛି ଯାହା ନକରାତ୍ମକତାରେ ଭରି ରହିଛି । ଏହାକୁ ମଧ୍ୟ ଜଗି ରଖି ବ୍ୟବହାର ନକଲେ ଏହା ଆମ ମଣିଷ ସମାଜ ପାଇଁ ବରଦାନ ବଦଳରେ ଅଭିଶାପ ପାଲଟିଯିବ ବୋଲି ଅନେକ ସମୟରେ ବୈଜ୍ଞାନିକମାନେ ତାଗିଦ୍ କରୁଛନ୍ତି । ତେବେ ଆସନ୍ତୁ ଜାଣିବା କଣ ରହିଛି ଏଆଇର ନକରାତ୍ମକତା ।

## ବେକାରୀ ସମସ୍ୟା ବୃଦ୍ଧି

ଏଆଇର ବ୍ୟବହାର ଆମର ବୃତିଗତ ଜୀବନକୁ ଯେତିକି ସହଜ ଓ ସରଳ କରୁଛି, ଏହାର ନକରାତ୍ମକ ପ୍ରଭାବ ମଧ୍ୟ ଏହା ଉପରେ ରହୁଛି । ଏଆଇ କାରଣରୁ ବର୍ତ୍ତମାନ ବେକାରୀ ସମସ୍ୟା ବଢୁଥିବା ଦେଖିବାକୁ ମିଳିଛି । କିଛି ଏଭଳି କ୍ଷେତ୍ର ରହିଛି ଯେଉଠାରେ ବର୍ତ୍ତମାନ ଲୋକଙ୍କ ସ୍ଥାନରେ ରୋବଟ କାମ କରିବା ଆରମ୍ଭ କରିଛନ୍ତି । ଯାହା ଫଳରେ ସେହି କର୍ମଚାରୀମାନେ ଘରକୁ ଫେରୁଛନ୍ତି । ମଣିଷଙ୍କ ତୁଳନାରେ ରୋବଟ ମାନେ ଅଧିକ ବେଗରେ କାମ କରୁଛନ୍ତି । ସେହିଭଳି ରୋବଟ ମଣିଷଙ୍କ ଠାରୁ ଅଧିକ କୁଶଳୀ ହୋଇଥିବାରୁ କିଛି କ୍ଷେତ୍ରରେ ମଣିଷଙ୍କ ସ୍ଥାନରେ ରୋବଟଙ୍କୁ କାମରେ ରଖାଯାଉଛି । ରୋବଟଙ୍କ କ୍ଷେତ୍ରରେ କାର୍ଯ୍ୟରେ ଭୁଲ ହେବାର ସମ୍ଭାବନା କମ ଥିବାରୁ କିଛି କର୍ମ କ୍ଷେତ୍ରରେ ବର୍ତ୍ତମାନ ରୋବଟଙ୍କୁ କର୍ମଚାରୀ ଭାବେ ଗ୍ରହଣ କରିବା ବଢିଛି । ଯେଉଁଗୁଡିକ ଆଗକୁ ବେକାରୀ ସମସ୍ୟା ବଢାଇବ ବୋଲି ବୈଜ୍ଞାନିକମାନେ ମତ ଦେଇଛନ୍ତି । ଏଆଇ ସାହାଯ୍ୟରେ ଅଧିକ ସମୟ ଲାଗୁଥିବା କାମକୁ ଖୁବ କମ ସମୟରେ କରିହେଉଛି ଯାହା ଏଆଇର ବ୍ୟବହାରକୁ ବଢାଇବାରେ ଲାଗିଛି । ବିଶେଷଭାବେ ଉତ୍ପାଦନ, ଗ୍ରାହକ ସେବା ଓ ପରିବହନ, ହୋଟେଲ୍ ଆଦି କ୍ଷେତ୍ରରେ ବେକାରୀ ସମସ୍ୟା ଦେଖିବାକୁ ମିଳିପାରେ ବୋଲି ଏକ୍ସପର୍ଟମାନେ ମତ ପ୍ରକାଶ କରିଛନ୍ତି । ସେହିଭଳି ରୋବଟମାନେ ବର୍ତ୍ତମାନ ଖୁବ କମ ସମୟରେ ଏହି ସମସ୍ତ କ୍ଷେତ୍ରରେ କାର୍ଯ୍ୟ କରୁଛନ୍ତି, ଯାହା ମଣିଷଙ୍କ ଆବଶ୍ୟକତାକୁ କମାଉଛି । ଉତ୍ପାଦନ କ୍ଷେତ୍ରରେ ବିଭିନ୍ନ ସାମଗ୍ରୀକୁ ଏକାଠି କରିବା,ୱେଲ୍ଡିଂ, ପେଣ୍ଟିଂ, ପ୍ୟାକିଂ ଆଦି କାମରେ ସବୁଠାରୁ ଅଧିକ ମଣିଷଙ୍କର ଆବଶ୍ୟକତା ପଡିଥାଏ । ହେଲେ ସେହି କ୍ଷେତ୍ରରେ ବର୍ତ୍ତମାନ ଅଧିକ ରୋବଟଙ୍କୁ ଦେଖିବାକୁ ମିଳୁଛି, ଯାହା ଫଳରେ ବେକାରୀ ସମସ୍ୟା ବଢିବାରେ ଲାଗିଛି । ସେହିଭଳି କିଛି ଦେଶରେ ବର୍ତ୍ତମାନ ଏଆଇକୁ ବ୍ୟବହାର କରି ଗାଡି ଗୁଡିକୁ ଅଟୋମେଟେଡ କରାଯାଉଛି, ଯାହା ମନକୁ ମନ ବିନା ଡ୍ରାଇଭରରେ ଚାଲି ପାରୁଛି । ତେଣୁ ଡ୍ରାଇଭର ଚାକିରି ମଧ୍ୟ ବିପଦରେ ପଡିଛି । ଆଉ ଏକ ବଡ କ୍ଷେତ୍ର ହେଲା କଷ୍ଟମର ସର୍ଭିସ ବା ଗ୍ରାହକ ସେବା କ୍ଷେତ୍ର ଯେଉଁଥିରେ ବର୍ତ୍ତମାନ ଏଆଇକୁ ବ୍ୟବହାର କରି ରେକର୍ଡ ଭଏସ୍‌ର ବ୍ୟବହାର କରାଯାଉଛି । ରେକର୍ଡ ଭଏସ ସହିତ ଏଆଇ ରୋବଟମାନେ ମଧ୍ୟ ଏହି କ୍ଷେତ୍ରରେ କାମ କରୁଛନ୍ତି କଷ୍ଟମରଙ୍କୁ ଖୁବ ଭଲରେ ହ୍ୟାଣ୍ଡେଲ କରିପାରୁଛନ୍ତି । ସେହି କ୍ଷେତ୍ରରେ ମଧ୍ୟ ବେକାରୀ ସମସ୍ୟା ବଢୁଛି ।

ଭୁଲ ତଥ୍ୟ ବେଳେବେଳେ ଏଆଇରୁ ଆମକୁ ଭୁଲ ତଥ୍ୟ ମଧ୍ୟ ମିଳିଥାଏ । ଯଦି ଏଆଇର ଡାଟା ବେସ୍‌ରେ ଭୁଲ ତଥ୍ୟ ଥାଏ ତେବେ ଏଆଇରୁ ମଧ୍ୟ ଭୁଲ ତଥ୍ୟ ମିଳିପାରେ । ତେଣୁ ସବୁବେଳେ ଏଆଇ ଉପରେ ଭରଷା କରିବା ଠିକ୍ ନୁହେଁ ।


## ଗୋପନୀୟତା ସୁରକ୍ଷାନେଇ ପ୍ରଶ୍ନ


ବର୍ତ୍ତମାନ ଏଆଇ ଦ୍ୱାରା ପରିଚାଳିତ ଅନେକ ଆପ୍‌କୁ ଆମେ ମୋବାଇଲ, ଲାପଟପ୍ , କମ୍ପ୍ୟୁଟର ଆଦିରେ ବ୍ୟବହାର କରୁଛେ । ଏହି ଆପ୍ କାରଣରୁ ଆମକୁ ଅନେକ ସୁବିଧା ମିଳୁଛି ହେଲେ ଆମର ଗୋପନୀୟତା ସୁରକ୍ଷାକୁ ନେଇ ପ୍ରଶ୍ନ ଉଠୁଛି । ଏହି ଆପ ମାଧ୍ୟମରେ ଆମର କିଛି ବ୍ୟକ୍ତିଗତ ତଥ୍ୟ ଲିକ୍ ହେବାର ସମ୍ଭାବନା ରହିଛି । ସେହିଭଳି ଅନେକ ସମୟରେ ବିଭିନ୍ନ ଟ୍ରେଣ୍ଡ୍ ଚାଲିଥାଏ ଯେପରି ଘିବଲି । ଏହି ସମସ୍ତ ଟ୍ରେଣ୍ଡରେ ଭାଗ ନେବା ପାଇଁ ଲୋକମାନେ ନିଜ ଗ୍ୟାଲେରୀକୁ ଏଆଇକୁ ଆକ୍ସେସ କରିବାକୁ ସୁଯୋଗ ଦେଇଥାଆନ୍ତି । ଯାହା ଫଳରେ ଆମର ଅନ୍ୟ ବ୍ୟକ୍ତିଗତ ଫଟୋ ମଧ୍ୟ ଲିକ୍ ହେବାର ସମ୍ଭାବନା ରହିଛି ।

## ଏଆଇର ସକରାତ୍ମକତା

ଆମ ଦୈନନ୍ଦିନ ଜୀବନରେ ଏଆଇକୁ ବ୍ୟବହାର କରି ଆମେ ଅନେକ କିଛି









ସୁବିଧା ପାଇ ପାରୁଛୁ । ଶିକ୍ଷା, ସ୍ୱାସ୍ଥ୍ୟ, ଦୈନନ୍ଦିନ ଜୀବନର କାର୍ଯ୍ୟ ଆଦି ସବୁଥିରେ ଏଆଇର ଉପଯୋଗ ବଢ଼ିଛି । ଆସନ୍ତୁ ସେହିଭଳି କିଛି ଉପକାରିତା ଉପରେ ଆଲୋଚନା କରିବା ।

## ଦୈନନ୍ଦିନ କାର୍ଯ୍ୟରେ ଉପଯୋଗ

ବର୍ତ୍ତମାନ ସମସ୍ତେ ଟେକ୍ନୋଲୋଜି ଉପରେ ଖୁବ ଅଧିକ ନିର୍ଭର କରୁଛନ୍ତି । ତେବେ ଏଆଇ ଦ୍ୱାରା ପରିଚାଳିତ ଏପରି ଅନେକ ଡିଭାଇସ ରହିଛି ଯାହାକୁ ବ୍ୟବହାର କରି ଆମ ଦୈନନ୍ଦିନ କାର୍ଯ୍ୟ ସୁରୁଖୁରୁରେ ଚାଲୁଛି । ଏଆଇକୁ ବ୍ୟବହାର କରି ବିଭିନ୍ନ ଉପକରଣ ଯେପରି ସିରି, ଆଲେକ୍ସା, ଗୁଗୁଲ୍ ଆସିଷ୍ଟାଣ୍ଟ ଆଦି ନିର୍ମାଣ କରାଯାଇଛି । ଯେଉଁଗୁଡ଼ିକରେ ପାଣିପାଗ ସମ୍ପର୍କିତ ସୂଚନା, ଆଲାରାମ୍, ଲାଇଟ୍ ଜଳାଇବା, ଗୀତ ବଜାଇବା, ଫ୍ୟାନ୍ ବୁଲାଇବା, କୌଣସି କାର୍ଯ୍ୟ ପାଇଁ ରିମାଇଣ୍ଡର ଦେବା ଆଦି କରାଯାଉଛି । ଏଥିରେ ସବୁଠାରୁ ବ୍ୟବହୃତ ହେଉଛି ସ୍ମାର୍ଟ ହୋମ୍ ଡିଭାଇସ୍ ଗୁଡ଼ିକ । ଯେଉଁ ଗୁଡ଼ିକୁ ବ୍ୟବହାର କରି ସମସ୍ତେ ନିଜର ଜୀବନକୁ ସହଜ ସରଳ କରିପାରୁଛନ୍ତି ।

## ଯୋଗାଯୋଗରେ ସୁବିଧା

ବର୍ତ୍ତମାନ ଆଉ ଭାଷା କାହାପାଇଁ ଏକ ସମସ୍ୟା ହୋଇ ରହିନାହିଁ । ଯେଉଁ ଭାଷାର ଲୋକ ହୋଇଥାଆନ୍ତୁ ସହଜରେ ନିଜର କଥାକୁ ଏଆଇର ସାହାଯ୍ୟରେ ଅନୁବାଦ କରି ଅନ୍ୟ ମାନଙ୍କ ପାଖରେ ପହଞ୍ଚାଯାଇ ପାରୁଛି । ଗୁଗୁଲ୍ ଟ୍ରାନ୍ସଲେଟର ବ୍ୟବହାର କରି ସହଜରେ ଗୋଟିଏ ଭାଷାରୁ ଅନ୍ୟ ଭାଷାକୁ ଏହାକୁ ଅନୁବାଦ କରିହେଉଛି । ଯାହା ସାହାଯ୍ୟରେ କୌଣସି ଦେଶକୁ ଗଲେ ଭାଷାଗତ ସମସ୍ୟା ରହୁନାହିଁ ।

## ସ୍ୱାସ୍ଥ୍ୟ

ସ୍ୱାସ୍ଥ୍ୟକ୍ଷେତ୍ରରେ ଏଆଇର ବ୍ୟବହାର ସବୁଠାରୁ ବହୁଳ । ଦୈନନ୍ଦିନ ଜୀବନରେ ହେଉ କିମ୍ବା କୌଣସି ଗମ୍ଭୀର ରୋଗରେ ସବୁସ୍ଥାନରେ ବର୍ତ୍ତମାନ ଏଆଇର ପ୍ରୟୋଗ କରାଯାଉଛି । ଆଜିକାଲି ସମସ୍ତେ ନିଜ ଘରୁ ହିଁ ଫିଟ୍ ରହିବାକୁ ଚେଷ୍ଟା କରୁଛନ୍ତି । ତେଣୁ ଘରେଘରେ ଫିଟ୍‌ନେସ୍ ଟ୍ରାକ କରିବା ପାଇଁ ସ୍ମାର୍ଟ ଡିଭାଇସ୍ ଯେପରି ସ୍ମାର୍ଟ ଘଣ୍ଟା, ଫିଟ୍‌ନେସ୍ ବ୍ୟାଣ୍ଡ, ଫିଟ୍‌ବିଟ୍ ଆଦି ବ୍ୟବହାର କରୁଛନ୍ତି । ଏହି ଉପକରଣ ସାହାଯ୍ୟରେ ହାର୍ଟ ରେଟ୍, ଷ୍ଟେପ୍, କ୍ୟାଲୋରୀ, ନିଦ ଓ ଷ୍ଟ୍ରେସ୍ ଲେବଲକୁ ମାପି ହେଉଛି । ଏଥିରେ ରେକର୍ଡ ହେଉଥିବା ତଥ୍ୟକୁ ସମୀକ୍ଷା କରି ନିଜ ଶରୀର ପ୍ରତି ଧ୍ୟାନ ଦେଇପାରିବା । ଏଠାରୁ ଆପଣ ନିଜ ଶରୀର ଅନୁସାରେ ଆବଶ୍ୟକୀୟ ଟିପ୍ସ ନେଇପାରିବେ । କେବଳ ଶାରୀରିକ ନୁହେଁ ଏଆଇ ଆପଣଙ୍କୁ ମାନସିକ ସ୍ତରରେ ମଧ୍ୟ ସାହାଯ୍ୟ କରିଥାଏ । ଏଆଇ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ଆପ ରହିଛି ଯେଉଁଗୁଡ଼ିକ ଆପଣଙ୍କୁ ମେଡିଟେସନ ଓ ବ୍ରିଦିଂ ଏକ୍ସରସାଇଜ୍ କରାଇବାରେ ସାହାଯ୍ୟ କରୁଛି । ସେହିଭଳି କିଛି କମ୍ୟୁନିକେଟିଂ ଆପ ମଧ୍ୟ ରହିଛି ଯେଉଁଥିରେ ଷ୍ଟ୍ରେସ କମାଇବା ପାଇଁ ଅପସନ୍ ରହିବା ସହିତ ମୁଡ ଟ୍ରାକିଂ ମଧ୍ୟ ହୋଇ ପାରୁଛି । ଏଆଇକୁ ବ୍ୟବହାର କରି ଜଣେ ବ୍ୟକ୍ତି ନିଜର ଡାଏଟ୍ ମଧ୍ୟ ନିୟନ୍ତ୍ରଣ କରିପାରିବ । ଇଣ୍ଟରନେଟ୍‌ରେ ଏଭଳି ଅନେକ ଆପ ରହିଛି ଯେଉଁମାନେ ନିଜର ଖାଦ୍ୟକୁ ଏଆଇର ସାହାଯ୍ୟ ନେଇ ଚୟନ କରିପାରିବେ । ତେବେ ଯଦି ଆପଣଙ୍କର କୌଣସି ସ୍ୱାସ୍ଥ୍ୟ ସମସ୍ୟା ରହିଛି ତେବେ ଏଥିରୁ ବିରତ ରୁହନ୍ତୁ , ଡାକ୍ତରଙ୍କ ପରାମର୍ଶରେ ଖାଦ୍ୟ ଖାଆନ୍ତୁ । ହେଲେ ଯଦି ଆପଣ ଚାହିଁବେ ଏଆଇର ସାହାଯ୍ୟ ନେବାପରେ ସେହି ଡାଏଟ୍ ଚାର୍ଟ୍‌କୁ ଡାକ୍ତରଙ୍କ ପରାମର୍ଶ କରି ଖାଇପାରିବେ । ସେହିଭଳି ଏଆଇର ସାହାଯ୍ୟରେ ଆପଣ ନିଜର ପ୍ରତିଦିନର କ୍ୟାଲୋରୀ ଧାର୍ଯ୍ୟ କରିପାରିବେ । ଯାହା ଅନୁଯାୟୀ ଆପଣ ନିଜର ପ୍ରତିଦିନର ଖାଦ୍ୟ ଓ ବ୍ୟାୟାମ ସେଟ୍ କରିପାରିବେ । ଏହା ଆପଣଙ୍କୁ ସୁସ୍ଥ ରହିବାରେ ଖୁବ ସହାୟକ ହେବ । ସେହିଭଳି ଏଆଇ ସାହାଯ୍ୟରେ ନିଜର ସ୍ୱାସ୍ଥ୍ୟକୁ ଟ୍ରାକ କରିବା ଦ୍ୱାରା ଆପଣ କୌଣସି ରୋଗ ସମ୍ପର୍କରେ ଆଗୁଆ ଜାଣିପାରିବେ, ଯାହା ଫଳରେ ଚିକିତ୍ସା କରାଇବାରେ ମଧ୍ୟ ସୁବିଧା ହେବ ।

## ପରିବହନ


ଆଜିକାଲି କୌଣସି ସ୍ଥାନକୁ ଯିବାକୁ ହେଲେ ଏହାର ରାସ୍ତା ସହଜରେ ମିଳିପାରୁଛି । ଏଆଇର ସାହାଯ୍ୟରେ ମ୍ୟାପ୍ ବ୍ୟବହାର କରି ଯେ କୌଣସି ସ୍ଥାନର ଠିକଣା ଜାଣି ହେଉଛି । ସେହିଭଳି କେଉଁ ରାସ୍ତାରେ ଗଲେ ଆପଣ ଗନ୍ତବ୍ୟସ୍ଥଳରେ ଶୀଘ୍ର ପହଞ୍ଚିପାରିବେ ସେ ନେଇ ମଧ୍ୟ ସୂଚନା ମିଳି ପାରୁଛି । ସେହିଭଳି ବର୍ତ୍ତମାନ ଏଆଇକୁ ବ୍ୟବହାର କରି ଅନ୍‌ଲାଇନ୍ କ୍ୟାବ୍ ସର୍ଭିସ ମଧ୍ୟ ଚାଲୁ ରହିଛି । ଯାହା ଫଳରେ ଆମେ ସହଜରେ ଓ ସୁବିଧାରେ ଗୋଟିଏ ସ୍ଥାନକୁ ଆଉ ଏକ ସ୍ଥାନକୁ ଯାଇ ପାରୁଛେ ।











## ସମୟ ପରିଚାଳନା


ଦୈନନ୍ଦିନ କାର୍ଯ୍ୟ କରିବା ସମୟରେ ସମୟର ପରିଚାଳନା ଖୁବ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ତେବେ ବର୍ତ୍ତମାନ ଏଆଇ ପରିଚାଳିତ ଅନେକ ସ୍ମାର୍ଟ କ୍ୟାଲେଣ୍ଡର ଏବଂ ଟୁଲ୍ସ ମିଳୁଛି ଯାହା ଆପଣଙ୍କ ଦୈନନ୍ଦିନ କାର୍ଯ୍ୟକୁ ଖୁବ ସହଜରେ ପରିଚାଳନା କରିପାରୁଛି । କେତେବେଳେ କେଉଁ ମିଟିଂ ରହିଛି, କେଉଁ କାର୍ଯ୍ୟ ପାଇଁ କେତେ ସମୟ ଦେବେ ସେ ସମସ୍ତ ବିଷୟରେ ଏହି ଟୁଲ୍ସ ଓ ଏଆଇ କ୍ୟାଲେଣ୍ଡରରେ ଆପଣ ସଠିକ ପରିଚାଳନା କରିପାରିବେ । ଯାହା ଆପଣଙ୍କର କାର୍ଯ୍ୟ କରିବାର ଶୈଳୀକୁ ପରିବର୍ତ୍ତନ କରିବ ।

## ସୁରକ୍ଷା

ସୁରକ୍ଷା କ୍ଷେତ୍ରରେ ମଧ୍ୟ ବର୍ତ୍ତମାନ ଏଆଇକୁ ବ୍ୟବହାର କରଯାଉଛି । ଏହି କୃତିମ ବୁଦ୍ଧିମତାକୁ ବ୍ୟବହାର କରି ବିଭିନ୍ନ ପ୍ରକାରର ସୁରକ୍ଷା ବ୍ୟବସ୍ଥାକୁ ବିକଶିତ କରାଯାଉଛି, ଯାହାକୁ ସମସ୍ତେ ଘରେ ବ୍ୟବହାର କରିପାରିବେ । ଏହା ଫଳରେ ଖୁବ ସହଜରେ ଘର ସୁରକ୍ଷିତ ରହିବା ସହିତ ବିଭିନ୍ନ ଅନୁପ୍ରବେଶକୁ ରୋକି ହେବ । ସେହିଭଳି ବିଭିନ୍ନ ସାଇବର ଅପରାଧକୁ ରୋକିବାରେ ମଧ୍ୟ ବର୍ତ୍ତମାନ ଏଆଇକୁ ବ୍ୟବହାର କରାଯାଉଛି । ବ୍ୟାକିଂ ଆପ, ଡିଜିଟାଲ୍ ଫ୍ରଡ, ଫିସିଂ, ଡିଜିଟାଲ୍ ଆରେଷ୍ଟ ଆଦିକୁ ରୋକିବାକୁ ଏଆଇର ବ୍ୟବହାର କରାଯାଉଛି ।

## କିଭଳି ରହିବେ ସୁରକ୍ଷିତ

ଏଆଇକୁ ପରିଚାଳନା କରିବାର ଅନେକ ଉପାୟ ରହିଛି, ଯେଉଁଗୁଡିକ ଅନୁକରଣ କରିବା ଦ୍ୱାରା ଆପଣ ଏଆଇ ଦ୍ୱାରା ହେଉଥିବା କ୍ଷତିରୁ ବଞ୍ଚି ପାରିବେ । ଆପଣ ଏହାକୁ ଯେଉଁଠି ବି ବ୍ୟବହାର କରନ୍ତୁ ଯେପରି କାର୍ଯ୍ୟାଳୟ, ଶିକ୍ଷା କିମ୍ବା ଦୈନନ୍ଦିନ କାର୍ଯ୍ୟ ନିମନ୍ତେ, ସବୁସ୍ଥାନରେ ସତର୍କତାର ସହିତ ବ୍ୟବହାର କରିବାର ଅଛି । ପ୍ରଥମରୁ ଜାଣନ୍ତୁ ଏଆଇର ବ୍ୟବହାର କେଉଁ କ୍ଷେତ୍ରରେ କରିବେ ଓ କେଉଁ କ୍ଷେତ୍ରରେ ନ କରିବେ । ଏହା ବୁଝିବା ଦ୍ୱାରା ଆପଣଙ୍କର ବ୍ୟବହାରରେ ପରିବର୍ତ୍ତନ ଆସିବ । ସେହିଭଳି ଏଆଇକୁ କେଉଁଠି ବ୍ୟବହାର କରାଗଲେ ଆପଣଙ୍କୁ ସମସ୍ୟା ଆସିବ ସେ ନେଇ ଜାଣନ୍ତୁ । ଯେପରି ଆପଣ ନିଜର ଦୈନନ୍ଦିନ କାମରେ ଏଆଇକୁ ବ୍ୟବହାର କରିପାରିବେ ହେଲେ ଏହାକୁ ନିଜର କୌଣସି ବ୍ୟକ୍ତିଗତ ତଥ୍ୟ ଦିଅନ୍ତୁ ନାହିଁ । କୌଣସି ସମ୍ବେଦନଶୀଳ ବିଷୟ ସମ୍ପର୍କରେ ତଥ୍ୟ ଦିଅନ୍ତୁ ନାହିଁ । ଏହାଦ୍ୱାରା ଆପଣଙ୍କର ବ୍ୟକ୍ତିଗତ ତଥ୍ୟ କୌଣସି ଅପରାଧ ଶ୍ରେଣୀର ଲୋକମାନଙ୍କ ହାତରେ ଲାଗିବାର ଆଶଙ୍କା ବଢିଥାଏ ଏବଂ ସେମାନେ ଏହାର ଅପବ୍ୟବହାର କରିବାର ଡର ରହିଥାଏ । ତେଣୁ ନିଜର ବ୍ୟକ୍ତିଗତ ତଥ୍ୟ ସବୁବେଳେ ସୁରକ୍ଷିତ ରଖନ୍ତୁ । ନିଜର ବ୍ୟାଙ୍କ୍ ତଥ୍ୟ, ଫଟୋ, ଓଟିପି, ଇମେଲ୍ ଆଦିକୁ ଏଆଇ ଠାରୁ ସୁରକ୍ଷିତ ରଖନ୍ତୁ । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଏହାର ବ୍ୟବହାର ଶିଖନ୍ତୁ । ଏଆଇ ଦ୍ୱାରା ପରିଚାଳିତ ବିଭିନ୍ନ ଆପକୁ ବ୍ୟବହାର ପୂର୍ବରୁ କିଭଳି ବ୍ୟବହାର କରିବେ ଶିଖନ୍ତୁ । ନ ଶିଖି କେବେ ବି ଭୁଲଭାଲ ବ୍ୟବହାର କରନ୍ତୁ ନାହିଁ । ଏଭଳି କରିବା ଦ୍ୱାରା ଆପଣଙ୍କର ବ୍ୟକ୍ତିଗତ ତଥ୍ୟ ଲିକ୍ ହେବାର ଆଶଙ୍କା ରହିଥାଏ । ସେହିଭଳି ଅନେକ ସମୟରେ ଜାଣି ନପାରି ଅପରାଧୀଙ୍କ ହାତରେ ଆପଣଙ୍କ ବ୍ୟକ୍ତିଗତ ତଥ୍ୟ ଲାଗିବାର ଡର ରହିଥାଏ । ଯାହାକୁ ସେମାନେ ଅପରାଧିକ କାର୍ଯ୍ୟପାଇଁ ବ୍ୟବହାର କରିପାରନ୍ତି । ଆଉ ଏକ କଥାରେ ଧ୍ୟାନ ରଖନ୍ତୁ ସବୁବେଳେ ଏଆଇକୁ ବ୍ୟବହାର କଲେ ମଧ୍ୟ ମଣିଷଙ୍କ ସମ୍ପର୍କରେ ରୁହନ୍ତୁ । ଯେପରି ବିଶେଷଭାବେ ସ୍ୱାସ୍ଥ୍ୟ, ଅର୍ଥ କାରବାର, କୌଣସି ବ୍ୟକ୍ତିଗତ କାର୍ଯ୍ୟ ଆଦି ପାଇଁ ଏଆଇ ଠାରୁ ମଣିଷଙ୍କ ଉପରେ ଅଧିକ ବିଶ୍ୱାସ ରଖନ୍ତୁ । ଏଆଇ ବ୍ୟବହାର ପାଇଁ ଟେକ୍ନୋଲୋଜି ସମ୍ପର୍କରେ ଅଧିକ ଜାଣିବାର ଆବଶ୍ୟକତା ରହିଛି । ଅନେକ ସମୟରେ ଏଆଇରେ ନୂଆନୂଆ ଜ୍ଞାନକୌଶଳ ଲଞ୍ଚ ହୋଇଥାଏ । ଯେଉଁଗୁଡିକ ଜାଣିବାର ଆବଶ୍ୟକତା ରହିଛି ନହେଲେ ଆପଣ ସମସ୍ୟାରେ ପଡିବେ ।









# ଷୋଳପୂଜା

ଭାରତରେ ପ୍ରତିବର୍ଷ ଦୁଇଥର ଦେବୀ ଦୁର୍ଗାଙ୍କର ପୂଜା ଅନୁଷ୍ଠିତ ହୁଏ । ଶରତ ଋତୁରେ ଆଶ୍ୱିନ ମାସ ଶୁକ୍ଳ ପକ୍ଷର ପୂଜାକୁ ''ଦେବୀ ପୂଜା' ଏବଂ ବସନ୍ତ ଋତୁରେ ଚୈତ୍ରମାସ ଶୁକ୍ଳ ପକ୍ଷର ପୂଜାକୁ ''ବାସନ୍ତୀ ପୂଜା' କୁହାଯାଏ । ସାର୍ବଜନୀନ ପୂଜା ରୂପେ ଶାରଦୀୟ ଦେବୀପୂଜା ହିଁ ଅଧିକ ଲୋକପ୍ରିୟତା ଅର୍ଜନ କରିଅଛି । ଏହି ଶାରଦୀୟ ପର୍ବ ଭାରତର ପୁରପଲ୍ଲୀରେ ଦଶହରା ପର୍ବରୂପେ ପାଳନ କରାଯାଏ । ଏହି ପର୍ବର ମୂଳ ଲକ୍ଷ୍ୟ ହେଉଛି ଦେବୀ ଉପାସନା । ଦଶହରା ଦିବସରେ ରାମଚନ୍ଦ୍ର ମାତୃଶକ୍ତି ବନଦୁର୍ଗାଙ୍କୁ ସ୍ତୁତି କରି ରାବଣର ନିଧନ ଉଦ୍ଦେଶ୍ୟରେ ଲଙ୍କା ଅଭିମୁଖେ ବିଜୟଯାତ୍ରା କରିଥିବାରୁ ଏହି ତିଥିକୁ ''ବିଜୟା ଦଶମୀ' କୁହାଯାଏ । ଏହି ଦିବସର ଅବ୍ୟବହିତ ପୂର୍ବରୁ ସିଂହବାହିନୀ ଆଦ୍ୟା ଶକ୍ତି ଦୁର୍ଗା ମହିଷାସୁରକୁ ବଧ କରି ଦେବତା ମାନଙ୍କର ମଙ୍ଗଳ ବିଧାନ କରିଥିଲେ । ଦେବୀଙ୍କ ସହ ଦାନବମାନଙ୍କର ଯୁଦ୍ଧ କନ୍ୟାମାସ ବା ଆଶ୍ୱିନ ମାସ କୃଷ୍ଣପକ୍ଷ ଅଷ୍ଟମୀଠାରୁ ଶୁକ୍ଳପକ୍ଷ ନବମୀ ପର୍ଯ୍ୟନ୍ତ ଷୋଳଦିନ ଧରି ଚାଲିଥିଲା । ଶୁକ୍ଳ ଅଷ୍ଟମୀ ଓ ନବମୀ ତିଥିରେ ମହାମାରୁ ହୋଇଥିଲା । ମହିଷାସୁର ସମେତ ସମସ୍ତ ଅସୁର ବଂଶ ନିପାତ ହୋଇଥିଲେ । ମହାମାରୁ ନବମୀ ରାତିର ଅନ୍ଧକାର ସହ ତ୍ରୈଲୋକ୍ୟରୁ ଅମଙ୍ଗଳର ଛାୟା ଅପସରି ଗଲା, ଶୁକ୍ଳ ଦଶମୀରେ ସବୁପ୍ରକାର ଶୁଭକାର୍ଯ୍ୟର ଆରମ୍ଭ ହେଲା । ଏହିଦିନ ଜଗତର ଦୁଃଖ ହରଣ ହୋଇଥିବାରୁ ଏହା ''ଦୁଃଖହା ଦଶମୀ' ନାମରେ ଖ୍ୟାତି ଲାଭ କରିଅଛି, ବୋଲି ଆଦିକବି ସାରଳା ଦାସ ''ଚଣ୍ଡୀପୁରାଣ'ରେ ଲେଖିଛନ୍ତି । ''ଦୁଃଖହା ଦଶମୀ' ଦିନ ମହାଦଶାରୁ ଉଦ୍ଧାର ପାଇ ଦେବତାମାନେ ମହାଶକ୍ତି ବ୍ରହ୍ମମୟୀ ଦୁର୍ଗତିନାଶିନୀ ଦୁର୍ଗାଙ୍କୁ ସ୍ତୁତି କରିଥିବାରୁ ଏହି ତିଥିରେ ଦୁର୍ଗାଙ୍କର ଆରାଧନା କରାଯାଏ । ଦେବୀ ମାହାତ୍ମ୍ୟ' ମତେ: ''ଚଣ୍ଡୀ' ଶୁଣି ରାଜ୍ୟଭ୍ରଷ୍ଟ ରାଜା ସୁରଥଙ୍କର ମୋହ ତୁଟିଯିବା ପରେ ସେ ଦୁର୍ଗାପୂଜାର ପରମ୍ପରା ସୃଷ୍ଟି କରିଥିଲେ । ଦେବୀପୀଠଗୁଡ଼ିକରେ ଆଶ୍ୱିନ ମାସ କୃଷ୍ଣପକ୍ଷ ଅଷ୍ଟମୀଠାରୁ ଶୁକ୍ଳପକ୍ଷ ନବମୀ ପର୍ଯ୍ୟନ୍ତ ଷୋଳଦିନ ବ୍ୟାପୀ ପୂଜା ଅନୁଷ୍ଠିତ ହୁଏ । ଏହାକୁ ଷୋଳପୂଜା କୁହାଯାଏ । ଶୁକ୍ଳପକ୍ଷ ସପ୍ତମୀ ଦିନ ମୃଣ୍ମୟୀ ପ୍ରତିମା ଓ ଘଟ ସ୍ଥାପିତ ହୁଏ । ଅଷ୍ଟମୀଦିନ ମହାଷ୍ଟମୀ ପୂଜା ଓ ବଳିଦାନ କରାଯିବାର ପରମ୍ପରା ରହିଛି, ଯାହା ବର୍ତ୍ତମାନ ପଶୁ ବଳି ବଦଳରେ ଫଳ ବଳିରେ ପରିବର୍ତ୍ତିତ ହୋଇଛି । ଦଶମୀ ଦିନ ମହା ସମାରୋହରେ ମୃଣ୍ମୟୀ ଦେବୀ ପ୍ରତିମା ଓ ଘଟ ବିସର୍ଜନ କରାଯାଏ । ପୁରୀଠାରେ ଦଶହରା ପରଦିନ ଦୁର୍ଗାଙ୍କର କ୍ରୋଧାନ୍ୱିତା ଶକ୍ତି ''ଗୋସାଣୀ ଯାତ' ଏବଂ ଏହି ତିଥିକୁ ଗୋସାଣୀ ଏକାଦଶୀ କୁହାଯାଏ । ଏହିପରି ଭାବେ ୧୬ ଦିନ ଧରି ଓଡ଼ିଶାର ବିଭିନ୍ନ ଶକ୍ତି ପୀଠରେ ମାଆଙ୍କର ପୂଜା ଆରାଧନା କରାଯାଇଥାଏ । ମାଆଙ୍କ ପୂଜା ପାଇଁ ସମସ୍ତ ଶକ୍ତିପୀଠ ଷୋଳ ଦିନ ଧରି ଚଳଚଞ୍ଚଳ ହୋଇଉଠେ ।





## ମୃଣାଳ

mrinalchatterjeeiimc@gmail.com

## ଜ୍ଞାନ

ଅତୀତରେ ଜ୍ଞାନ ଲାଭ ପାଇଁ ବହୁତ କଷ୍ଟ କରିବାକୁ ପଡୁଥିଲା । ଗୁରୁମାନେ ପାହାଡ଼ ଜଙ୍ଗଲରେ ରହୁଥିଲେ। ଶିକ୍ଷା ଲାଭ ପାଇଁ ସେଠି ଯିବାକୁ ପଡୁଥିଲା, କଷ୍ଟରେ ରହିବାକୁ ପଡୁଥିଲା । ଗୁରୁମାନଙ୍କର ସେବା କରିବାକୁ ପଡୁଥିଲା । ତେବେ ଯାଇ କିଛି ଜ୍ଞାନଲାଭ ହେଉଥିଲା । ସମୟ ସହିତ ଶିକ୍ଷା ଲାଭ ସହଜ ହେଲା । ଘର ପାଖରେ ସ୍କୁଲ ଖୋଲିଲା । ଗୁରୁମାନେ ତାଙ୍କ ଫ୍ରି ଟାଇମରେ ଘରକୁ ଆସି ଶିକ୍ଷା ଦାନ କରିବାକୁ ଲାଗିଲେ । ସମୟ ଆହୁରି ଆଗେଇଲା । ଶିକ୍ଷା ଲାଭ ଆହୁରି ସହଜ ହେଲା । ଗୁଗୁଲ ବାବାଙ୍କ ଆବିର୍ଭାବ ହେଲା । ମୋବାଇଲରେ ଜ୍ଞାନର ବର୍ଷା ହେଲା । ହ୍ୱାଟ୍ସଆପରେ ବିଶ୍ୱବିଦ୍ୟାଳୟ ଖୋଲିଗଲା । ଏବେ ଜ୍ଞାନର ସୁନାମି ଆସିଛି । ଆମ ଚାରିପଟେ ଜ୍ଞାନ । ଜ୍ଞାନ ସମୁଦ୍ରରେ ଆମେ ଉବୁଟୁବୁ ହେଉଛୁ । ଗେଂଜିରେ ଛପା ହୋଇଛି ଜ୍ଞାନ । ବିଜ୍ଞାପନ ହୋର୍ଡିଂରେ ବଡ଼ ବଡ଼ ଅକ୍ଷରରେ ଜ୍ଞାନ । ନେତାଙ୍କ ଅଧରରେ ଜ୍ଞାନ । ଅଭିନେତ୍ରୀଙ୍କ ଉପରପିଠିରେ ଖୋଦେଇ ହୋଇଥିବା ଟାଟୁରେ ଜ୍ଞାନ । ଜ୍ଞାନ ବାରିଧିରେ ଆମେ ଅଣନିଶ୍ୱାସୀ ହୋଇଗଲୁଣି ।

# ହିନ୍ଦୀ ଦିବସ

୧୪ ସେପ୍ଟେମ୍ବର ଦିନଟିକୁ ପ୍ରତିବର୍ଷ ହିନ୍ଦୀ ଦିବସ ଭାବେ ପାଳନ କରାଯାଏ । ୧୯୪୯ ମସିହାରେ ଏହି ଦିନ ଭାରତୀୟ ସମ୍ବିଧାନ ସଭା ହିନ୍ଦୀକୁ ଦେଶର ରାଜଭାଷା (ଅଫିସିଆଲ ଲାଙ୍ଗୁଏଜ: ଇଂରାଜୀ ଏବଂ ହିନ୍ଦୀ- ଏ ଦୁଇଟି ଆମ ଦେଶର ଅଫିସିଆଲ ଲାଙ୍ଗୁଏଜ) ଭାବରେ ଗ୍ରହଣ କରିଥିଲା । ତା'ପରେ ୧୯୫୩ ଠାରୁ ୧୪ ସେପ୍ଟେମ୍ବରକୁ ଆଧିକାରିକ ଭାବେ ହିନ୍ଦୀ ଦିବସ ପାଳନର ପରମ୍ପରା ଆରମ୍ଭ ହୋଇଥିଲା। ପ୍ରସଙ୍ଗକ୍ରମେ କହିଦିଏ ଭାରତରେ କୌଣସି ଭାଷାକୁ 'ରାଷ୍ଟ୍ର ଭାଷା'ର ମାନ୍ୟତା ଦିଆ ଯାଏ ନାହିଁ। ହିନ୍ଦୀ ଭାରତରେ ସର୍ବାଧିକ ପ୍ରଚଳିତ ଭାଷା । ଆମ ଦେଶର ୪୩ ଶତାଂଶରୁ ଊର୍ଦ୍ଧ୍ୱ ଲୋକ ହିନ୍ଦୀକୁ 'ପ୍ରଥମ ଭାଷା' ଭାବେ ଗ୍ରହଣ କରନ୍ତି । ଭାରତର ଅନେକ ଭାଷା ଭଳି ହିନ୍ଦୀର ମୂଳ ସଂସ୍କୃତରେ । ତେବେ ବର୍ତ୍ତମାନ ହିନ୍ଦୀ ଭାଷା ଯେଉଁ ରୂପରେ ରହିଛି - ତାହା ଊନବିଂଶ ଶତାବ୍ଦୀରେ ସୃଷ୍ଟି । ଏକାଦଶ ଶତାବ୍ଦୀରେ ଉତ୍ତର ଭାରତରେ ବ୍ରଜ, ଅବଧୀ, ଖଡ଼ିବୋଲି, ଭୋଜପୁରୀ ପରି ଅନେକ ଅଞ୍ଚଳୀୟ ଉପଭାଷା ଥିଲା । ସେଥିରୁ ଖଡ଼ିବୋଲି (ଦିଲ୍ଲୀ ଓ ପଶ୍ଚିମ ଉତ୍ତରପ୍ରଦେଶରେ ପ୍ରଚଳିତ) ଅଧିକ ଲୋକପ୍ରିୟ ଥିଲା । ଦିଲ୍ଲୀ ସୁଲତାନତ ଓ ମୁଗଲ ସମୟ (୧୩-୧୮ଶ ଶତାବ୍ଦୀ) ମଧ୍ୟରେ ଫାରସୀ ପ୍ରଭାବରେ ହିନ୍ଦୁସ୍ତାନୀ ଭାଷାର ଗଠନ ହେଲା। ଏହା ପରେ ଉର୍ଦ୍ଦୁ ଓ ଆଧୁନିକ ହିନ୍ଦୀ ଦୁଇଟି ପ୍ରମୁଖ ଧାରା ବିକଶିତ ହୋଇଥିଲା।

୧୯ଶ ଶତାବ୍ଦୀରେ ଭାରତେନ୍ଦୁ ହରିଶ୍ଚନ୍ଦ୍ରଙ୍କ ପରି ସାହିତ୍ୟିକମାନେ ସାହିତ୍ୟ, ନାଟକ ଓ ସାମ୍ବାଦିକତାରେ ହିନ୍ଦୀକୁ ପ୍ରୋତ୍ସାହନ ଦେଲେ। ମହାତ୍ମା ଗାନ୍ଧୀ ହିନ୍ଦୀକୁ ଜନଭାଷା ଭାବେ ପ୍ରଚାର କରିଥିଲେ। ୧୯୧୮ରେ ସେ ମାନ୍ଦ୍ରାଜରେ ଦକ୍ଷିଣ ଭାରତୀୟ ହିନ୍ଦୀ ପ୍ରଚାର ସଭା ସ୍ଥାପନ କରିଥିଲେ। ଆଜି ହିନ୍ଦୀ ସାରା ଦେଶରେ ଗଣ ଯୋଗାଯୋଗର ଭାଷା ହେବ ସହିତ ସାହିତ୍ୟ, ସିନେମା ଓ ଡିଜିଟାଲ୍ ସଂପ୍ରେଷଣରେ ମଧ୍ୟ ଏକ ଶକ୍ତିଶାଳୀ ଭାଷା ଭାବେ ବିକଶିତ ହୋଇଛି । ଭାଷା କେବଳ ଯୋଗାଯୋଗର ମାଧ୍ୟମ ନୁହେଁ, ଏହା ଏକ ସମ୍ପ୍ରଦାୟର ପରିଚୟ। ହିନ୍ଦୀ ଦିବସ ଆମକୁ ସେଥିରେ ସ୍ମରଣ କରାଏ ଯେ, ଆମେ ସମସ୍ତେ ନିଜ ଭାଷାକୁ ସମ୍ମାନ କରିବା ସହିତ ଅନ୍ୟ ଭାଷାକୁ ମଧ୍ୟ ଆଦର କରିବା ଉଚିତ।




# ଚିଠି

ଯୋଗାଯୋଗର ଅଧିକ ସୁବିଧାଜନକ ଏବଂ ଦ୍ରୁତ ସାଧନ ବାହାରିଗଲା ଉତ୍ତାରୁ ଚିଠି ଦିଆନିଆ କ୍ରମଶଃ କମିଗଲାଣି । ସେପ୍ଟେମ୍ବର ୧ ତାରିଖ ଥିଲା ବିଶ୍ୱ ପତ୍ର ଲିଖନ ଦିବସ । ଏ ଅବସରରେ ଗୋବିନ୍ଦ ପ୍ରସାଦ ସିଂ ସାମନ୍ତ ତାଙ୍କ ସାମାଜିକ ଗଣମାଧ୍ୟମ ପୃଷ୍ଠାରେ ଯାହା ଲେଖିଛନ୍ତି ମୁଁ ଏଠି ସାମାନ୍ୟ ସମ୍ପାଦନା କରି ଉଦ୍ଧାର କରୁଛି । ଚିଠି ମୋର ଟିକି ଚଢେଇ... ଫୁର୍ କିନା ଦେଲି ଉଡ଼େଇ, ସେହି ଚଢ଼େଇ କହିବ ଯାଇ... ଲେଖିଛି ଯିଏ, ଏଇ ଚିଠି ସେ, ସେ ତୋରି ପାଇଁ.. ତୋ ପାଇଁ। ୪୦ ବର୍ଷ ତଳେ 'ସ୍ୱପ୍ନ ସାଗର' ଚଳଚ୍ଚିତ୍ରର ଏହି ଗୀତକୁ ଏବେ ବି ଶ୍ରୋତା ଗୁଣୁ ଗୁଣାଉଛନ୍ତି। ଚିଠିକୁ ନେଇ ଅକ୍ଷୟ ମହାନ୍ତିଙ୍କର ଏହି ଗୀତ ଶ୍ରୋତାଙ୍କୁ ଭାବନା ରାଇଜରେ ବୁଡ଼ାଇ ଦିଏ। ପ୍ରେମ ଓ ଆବେଗ ବ୍ୟକ୍ତ କରିବାକୁ ଚିଠି ଯେ କେତେ ବଡ଼ ମାଧ୍ୟମ ଥିଲା, ତାହା ବୁଝିବାକୁ ଏହି ଗୀତଟି ଯଥେଷ୍ଟ ଥିଲା। କେବଳ ଏହି ଗୋଟିଏ ଗୀତ ନୁହେଁ, ଓଡ଼ିଆ ଚଳଚ୍ଚିତ୍ର ଓ ଓଡ଼ିଆ ଆଲବମ୍‌ରେ ଚିଠିକୁ ନେଇ ଅନେକ ଲୋକପ୍ରିୟ ଗୀତ ସୃଷ୍ଟି ହୋଇଛି। ଓଡ଼ିଆ ଆଧୁନିକ ଗୀତରେ 'ପ୍ରଥମ ପ୍ରେମର ପ୍ରଥମ ଚିଠି, ଲେଖୁଛି ଅଳପ ଭାବୁଛି ବେଶି' ଗୀତଟି ଗୋଟିଏ ସମୟରେ ଚହଳ ସୃଷ୍ଟି କରିଦେଇଥିଲା। ପୁଣି 'ଚିରିଦେବା ଆଗରୁ ଚିଠି ଥରେ ପଢ଼ି ଦେଖ, ଭୁଲି ଯିବା ଆଗରୁ ଆଉ ଥରେ ଭାବି ଦେଖିଦ', 'ଚିଠି ମୋର ଆସିଲାନି ଆସିବାର ଥିଲା' ଏମିତି ଗୀତର ତାଲିକା ଲମ୍ବା । ଗୀତଗୁଡ଼ିକ ହିଁ କହିଦେଉଛି ପ୍ରେମରେ ହାତଲେଖା ଚିଠିର ସ୍ଥାନ କେତେ ଉପରେ। ବର୍ତ୍ତମାନ ପିଢ଼ିର ପିଲାଙ୍କ ପାଖରେ ଏହି ଚିଠିର ଗୁରୁତ୍ୱ ନାହିଁ କହିଲେ ଭୁଲ୍ ହେବ ନାହିଁ। ନା ପ୍ରେମରେ ନା ବନ୍ଧୁତ୍ୱରେ, କେଉଁଠି ବି ସମ୍ପର୍କକୁ ଗାଢ଼ କରିବାକୁ ଚିଠି ଦରକାର ପଡୁନି । ସେମାନଙ୍କ ପାଇଁ 'ଚିଠି' କେବଳ ଏକ ଶବ୍ଦ ହୋଇଯାଇଛି । ନିଜ ଭାବନାକୁ ଓ ନିଜ କଥାକୁ ତ୍ୱରିତ ପଠାଇବା ପାଇଁ ଏତେ ଆଧୁନିକ ମାଧ୍ୟମ ହୋଇଗଲାଣି ଯେ ଚିଠି ସେମାନଙ୍କ ପାଇଁ ଅପ୍ରାସଙ୍ଗିକ ହୋଇଯାଇଛି। ଶବ୍ଦଠାରୁ ଯେ ଆବେଗ ଓ ସ୍ୱାକ୍ଷର ଅଧିକ ଘନିଷ୍ଠ ସନ୍ଦେଶ ବହନ କରେ, ତାହା ସେମାନେ ଅନୁଭବ କରିବା କଷ୍ଟ । ଏପରିକି ଏକ ସମୟ ଆସିବ ଯେ ଆଗାମୀ ପିଢ଼ି ଚିଠି କେବଳ ଇଣ୍ଟରନେଟ୍‌ରେ ହିଁ ଦେଖିବାକୁ ପାଇବେ। କେବଳ ସଙ୍ଗୀତରେ ନୁହେଁ ସାହିତ୍ୟରେ ମଧ୍ୟ 'ଚିଠି' ଏକ ଅଭିନ୍ନ ଅଙ୍ଗ ଥିଲା। ବିଶିଷ୍ଟ କବି ମାୟାଧର ମାନସିଂହଙ୍କ କବିତା 'ରେଙ୍ଗୁନ ଚିଠି' ହେଉ ଅଥବା କଟକ ପବ୍ଲିସିଂ ହାଉସ୍ ପକ୍ଷରୁ ପ୍ରକାଶିତ ତାଙ୍କ ପତ୍ନୀ ହେମଲତା ମାନସିଂହ ନିକଟକୁ ଲେଖିଥିବା ପ୍ରେମପତ୍ରର ସଂକଳନ 'ମାନସିଂହଙ୍କ ପ୍ରଣୟ ଚିଟାଉ'ରେ ଏହା ପ୍ରମାଣିତ ହୋଇଛି। ସେହିପରି ମନୋଜ ଦାସଙ୍କ କାଳଜୟୀ ଗଳ୍ପ ସଂକଳନ 'ଶେଷ ବସନ୍ତର ଚିଠି'ରେ ଏହା ସମ୍ପର୍କର ସେତୁ ସାଜିଥିଲା। କେବଳ ସାହିତ୍ୟ, ସଙ୍ଗୀତ ଅଥବା ସମ୍ପର୍କ ନୁହେଁ ଚିଠି ମଧ୍ୟ କେତେ ଯୁଦ୍ଧ ପାଇଁ ଶାନ୍ତିର ବାହକ ହୋଇଥିଲା। ଲର୍ଡ ଇରୱିନଙ୍କୁ ମହାତ୍ମା ଗାନ୍ଧୀଙ୍କ ଲବଣ ସତ୍ୟାଗ୍ରହର ନିଷ୍ପତ୍ତି ସଂକ୍ରାନ୍ତ ଐତିହାସିକ ଚିଠି ମଧ୍ୟ ଏହାର ଏକ ଉଦାହରଣ। ଯିଏ ଚିଠି ଲେଖିଛି ସେ ହିଁ ତା'ର ଭାବକୁ ବୁଝି ପାରିବ। ପୋଷ୍ଟମ୍ୟାନକୁ ଦେଖିଲେ ମନ ଖୁସି ହୋଇଯାଉଥିଲା । ରବିବାର ସରକାରୀ ଛୁଟିଯୋଗୁ ଚିଠି ନ ଆସିଲେ ମନ ଦୁଃଖ ହୋଇଯାଉଥିଲା । ଯଦିଓ ବ୍ୟକ୍ତିଗତ ସ୍ତରରେ ଏହାର ବ୍ୟବହାର କମିଗଲାଣି, ହେଲେ 'ଚିଠି' ଶବ୍ଦ କେବେ ମରିବ ନାହିଁ।



# ନଈ, ତୁମେ...



ବାଲେଶ୍ୱର ସହ ଦେଶର ଅନ୍ୟାନ୍ୟ ବହୁ ସହରରେ ବନ୍ୟାର ଅବସ୍ଥା ଦେଖି ସୁନୀଲ ଗଙ୍ଗୋପାଧ୍ୟାୟଙ୍କ ଗୋଟେ କବିତା (ପାଣି ଯେମିତି ଲେଲିହାନ ନିଁଆ)ର କେତୋଟି ଧାଡି ମନେ ପଡୁଛି । ନଈ, ତୁମେ ନଈରେ ରୁହ, ଯଘରକୁ ଆସ ନାହିଁ । ଏ କବିତାଟି ତାଙ୍କର 'ନୀରା, ହଜି ଯାଅ ନାହିଁ' କବିତା ସଙ୍କଳନରେ ଅଛି ।

# ସତ କହିବାର ସମସ୍ୟା

ପୁଅଟି ଥିଲା ସତ୍ୟବାଦୀ ଯୁଧିଷ୍ଠିରଙ୍କ ଆଧୁନିକ ସଂସ୍କରଣ । ଦିନ ସେ ତା ଗାର୍ଲଫ୍ରେଣ୍ଡକୁ ନେଇ ବୁଲି ଯିବାର ପ୍ଲାନ ହେଲା । ସମୟରେ ନିର୍ଦ୍ଦିଷ୍ଟ ସ୍ଥାନରେ ଝିଅଟି ଆସି ପହଞ୍ଚିଲା । ଝିଅଟିକୁ ଦେଖି ପୁଅଟି କହିଲା, ତମ ଡ୍ରେସଟା ଭାରି ସୁନ୍ଦର ।

ଝିଅଟି ଖୁସି ହୋଇ କହିଲା, ଥ୍ୟାଙ୍କ ୟୁ।

- ତମ ଲିପିଷ୍ଟିକ ରଙ୍ଗ ବି ଭାରି ସୁନ୍ଦର ।

ଝିଅଟି ଆହୁରି ଖୁସି ହୋଇ କହିଲା, ଥ୍ୟାଙ୍କ ୟୁ । ଥ୍ୟାଙ୍କ ୟୁ।

- ତମ ମେକଅପ ବି ଭାରି ସୁନ୍ଦର ହୋଇଛି ।

ଝିଅଟି ଆହୁରି ଖୁସି ହୋଇ କହିଲା, ଥ୍ୟାଙ୍କ ୟୁ । ଥ୍ୟାଙ୍କ ୟୁ।

ସତ୍ୟବାଦୀ ଯୁଧିଷ୍ଠିର ପୁଅଟି କହିଲା, ତଥାପି ତମେ ସୁନ୍ଦର ଦିଶୁନ !

ଏହା ପରେ କ'ଣ ହୋଇଥିବ ମୁଁ କହିବି ନା ଆପଣ ଅନୁମାନ କରି ନେବେ !

(ସୌଜନ୍ୟ: ସାମାଜିକ ଗଣମାଧ୍ୟମ)

# ବ୍ରେକଅପ ଦେଇଛି କଷ୍ଟ

ତନୀଷା ମୁଖାର୍ଜୀ ନିଜର ଫିଲ୍ମ ଠାରୁ ପର୍ସନାଲ ଲାଇଫକୁ ନେଇ ଚର୍ଚ୍ଚାରେ ରହିଥାଆନ୍ତି । ନିକଟରେ ଅଭିନେତ୍ରୀ ନିଜର ଲଭଲାଇଫକୁ ନେଇ ମନଖୋଲି କଥା ହୋଇଛନ୍ତି । ତନୀଷା ଅତୀତରେ ଉଦୟ ଚୋପ୍ରା ଓ ଅରମାନ କୋହଲିଙ୍କ ସହିତ ରିଲେସନ ସିପରେ ରହିଛନ୍ତି । ତେବେ ଏହି ଦୁଇଜଣଙ୍କ ସହିତ ତାଙ୍କ ବ୍ରେକ ଅପ ହୋଇ ସାରିଛି । ଦୁଇଥର ତାଙ୍କର ହୃଦୟ ଭାଙ୍ଗିଛି । ହେଲେ ଉଦୟ ଚୋପ୍ରାଙ୍କ ସହିତ ତାଙ୍କର ବ୍ରେକଅପ ହେବାବେଳେ ତାଙ୍କୁ ଅଧିକ କଷ୍ଟ ହୋଇଥିଲା ବୋଲି ତନୀଷା ପ୍ରକାଶ କରିଛନ୍ତି । ଅରମାନଙ୍କ ସହିତ ବ୍ରେକ ଅପ ହେବାବେଳେ ତାଙ୍କୁ କଷ୍ଟ ହୋଇଥିଲା ହେଲେ ଉଦୟଙ୍କ ସହିତ ବ୍ରେକଅପ ହେବାବେଳେ ଏହାଠାରୁ ବେଶି କଷ୍ଟ ହୋଇଥିଲା । ଉଦୟଙ୍କ ସହିତ ସେ ଅଧିକ କ୍ଲୋଜଥିଲେ, ତେଣୁ ତାଙ୍କଠାରୁ ଦୂରେଇବା ତାଙ୍କ ପାଇଁ ସହଜ ନଥିଲା । ଅରମାନଙ୍କ ସହିତ ତାଙ୍କର ସମ୍ପର୍କ ବିଗବସରେ ଗଢିଉଠିଥିଲା ଯାହା ପରେ ଭାଙ୍ଗିଯାଇଥିଲା ତେଣୁ ଏହା ଏତେ କଷ୍ଟ ନଥିଲା । କିନ୍ତୁ ଉଦୟ ଚୋପ୍ରା ପ୍ରଥମେ ତାଙ୍କର ଭଲ ସାଙ୍ଗଥିଲେ ଏବଂ ପରେ ସେମାନେ ରିଲେସନ ସିପ୍କୁ ଆସିଥିଲେ ତେଣୁ ଉଦୟଙ୍କ ସହିତ ବ୍ରେକଅପ ବେଶି କଷ୍ଟ ଦାୟକ ଥିଲା ।





# ଚରିତ୍ରଟି ଖୁବ ଭାବପୂର୍ଣ୍ଣ

ଚିତ୍ରାଙ୍ଗଦା ସିଂଙ୍କୁ ଆଗକୁ ସଲମାନଙ୍କ ଫିଲ୍ମ ବ୍ୟାଟଲ ଅଫ ଗଲୱାନରେ ଦେଖିବାକୁ ମିଳିବ । ଏଥିରେ ଅଭିନେତ୍ରୀଙ୍କ ଚରିତ୍ର ଖୁବ ଭାବପୂର୍ଣ୍ଣ ଥିବା ସେ ନିକଟରେ ପ୍ରକାଶ କରିଛନ୍ତି । ଫିଲ୍ମ ଥିମ୍ ଅନୁସାରେ ତାଙ୍କର ଚରିତ୍ର ଖୁବ ରୋମାଞ୍ଚକର ହୋଇଥିବାବେଳେ କାହାଣୀରେ ତାଙ୍କର ଚରିତ୍ରର ଖୁବ ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ରହିଛି । ଏହା ଫିଲ୍ମକୁ ଏକ ନୂଆ ଦିଗ ଦେବ ବୋଲି ଚିତ୍ରାଙ୍ଗଦା ଆଶା ରଖିଛନ୍ତି । ଫିଲ୍ମରେ ସଲମାନଙ୍କ ସହିତ ଅଭିନୟ କରିବାର ସୁଯୋଗ ପାଇଥିବାରୁ ମଧ୍ୟ ଚିତ୍ରାଙ୍ଗଦା ଖୁବ ଖୁସି ଅଛନ୍ତି । ଫିଲ୍ମଟି ତାଙ୍କୁ ଅନେକ କଥା ଶିଖାଇଛି, ଅଭିନୟ ସମ୍ପର୍କରେ ସେ ଅନେକ କଥା ଏହାର ସୁଟିଂ ସେଟରୁ ଶିଖିଛନ୍ତି । ଫିଲ୍ମଟି ତାଙ୍କ ଫ୍ୟାନଙ୍କୁ ଖୁବ ଭଲ ଲାଗିବ ବୋଲି ଚିତ୍ରାଙ୍ଗଦା ପ୍ରକାଶ କରିଛନ୍ତି । ଫିଲ୍ମଟି ଭାରତ ଓ ଚୀନ ମଧ୍ୟରେ ହୋଇଥିବା ସଂଘର୍ଷ କାହାଣୀକୁ ନେଇ ନିର୍ମାଣ କରାଯାଇଛି ।



# ଆୱାରାପନରେ ଦିଶା

୨୦୦୭ରେ ମୋହିତ ସୁରିଙ୍କ ନିର୍ଦ୍ଦେଶିତ ଆୱାରା ପନ ଦର୍ଶକଙ୍କୁ ଖୁବ ପସନ୍ଦ ଆସିଥିଲା । ଏଥିରେ ଦର୍ଶକ ଇମରାନ ହାସମିଙ୍କୁ ଲିଡରୋଲରେ ଦେଖିଥିଲେ । ତେବେ ଏହି ଫିଲ୍ମର ସିକ୍ୱେଲ ବର୍ତ୍ତମାନ ପରଦାକୁ ଆସିବାକୁ ଯାଉଛି । ଏହି ଟ୍ରାଜିକ୍ ଲଭଷ୍ଟୋରୀର ସିକ୍ୱେଲ ଆସିବା ନେଇ ଜଣା ପଡିବାପରେ ଫ୍ୟାନଙ୍କ ଭିତରେ ଖୁବ ଉତ୍ସାହ ଦେଖିବାକୁ ମିଳିଛି । ପୁରୁଣା ଫିଲ୍ମର ଗୀତଗୁଡିକୁ ଦର୍ଶକ ଖୁବ ବସନ୍ଦ କରିଥିଲେ, ତେଣୁ ସିକ୍ୱେଲରେ ମଧ୍ୟ ଗୀତଗୁଡିକୁ ଦର୍ଶକ ସେତିକି ଭଲପାଇବା ଦେବେ ବୋଲି ଟିମ ଆଶା ରଖିଛି । ଏଥିରେ ଲିଡରେ ଦର୍ଶକ ଇମ୍ରାନଙ୍କ ସହିତ ଦିଶା ପଟାନୀଙ୍କୁ ଦେଖିବେ ଯେଉଁମାନଙ୍କର ଅନ୍ସ୍କ୍ରିନ କେମେଷ୍ଟ୍ରୀ ସମସ୍ତଙ୍କୁ ପସନ୍ଦ ଆସିବ ବୋଲି ମେକର୍ସ ଆଶା ରଖିଛନ୍ତି । ଦିଶାମଧ୍ୟ ନିଜର ଏହି ପ୍ରୋଜେକ୍ଟକୁ ନେଇ ଖୁବ ଖୁସି ଅଛନ୍ତି । ଗ୍ୟାଙ୍ଗଷ୍ଟର ଥିମଭଳି କିଛି ଭିନ୍ନ ଧରଣର ଫିଲ୍ମ କରିବାକୁ ଯାଉଥିବାରୁ ବେଶ୍ ଆଶାବାଦୀ ଅଛନ୍ତି ଅଭିନେତ୍ରୀ । ଦର୍ଶକଙ୍କୁ ଫିଲ୍ମଟି ପସନ୍ଦ ଆସିବ ବୋଲି ଦିଶା ମତ ଦେଇଛନ୍ତି ।



# ପରିବାର କରିଥିଲା ବିରୋଧ

ମୁନ୍ନି ବଦନାମ ଗୀତଟି ମଲାଇକା ଅରୋରାଙ୍କୁ ଏକ ଏଭଳି ପରିଚୟ ପ୍ରଦାନ କରିଥିଲା, ଯାହାକୁ ଆଜି ବି ଲୋକ ମନେ ରଖିଛନ୍ତି । ତେବେ ଏତେ ସୁନ୍ଦର ଗୀତକୁ କରିବାକୁ ମଲାଇକାଙ୍କୁ ପ୍ରଥମରୁ ଅନେକ ବିରୋଧର ସାମନା କରିବାକୁ ପଡିଥିଲା । କେହି ବାହାରର ଲୋକନୁହେଁ ବରଂ ଘର ପରିବାରର ସଦସ୍ୟ ହିଁ ମଲାଇକାଙ୍କୁ ବିରୋଧ କରିଥିଲେ । ନିକଟରେ ଏହି ଫିଲ୍ମର ନିର୍ଦ୍ଦେଶକ ଏନେଇ କଥା ହୋଇଛନ୍ତି । ତାଙ୍କ ଅନୁସାରେ ମଲାଇକା ଏହି ଗୀତ କରନ୍ତୁବୋଲି ନିଜେ ସଲମାନ ଓ ଅରବାଜ ଚାହୁଁନଥିଲେ । ହେଲେ ମଲାଇକା ନିଜେ ନିଜର ନିଷ୍ପତ୍ତି ନେବାରେ ବେଶ ପାରଙ୍ଗମ ତେଣୁ ସେ ଏହି ଗୀତ କରିବାକୁ ନିଷ୍ପତ୍ତି ନେଇଥିଲେ । ସେମାନଙ୍କ ବିରୋଧ ପରେ ବି ସେ ଏହି ଗୀତରେ ଡ୍ୟାନ୍ସ କରିଥିଲେ ଏବଂ ପରେ ଏହି ଗୀତଟି ସୁପରହିଟ୍ ହେବା ସହିତ ଅନେକ ରେକର୍ଡ ଭାଙ୍ଗିଥିଲା । ଆଜି ବି ସେହି କଥାକୁ ମଲାଇକା ମନେ ପକାନ୍ତି ବୋଲି ନିର୍ଦ୍ଦେଶକ ଅଭିନବ କଶ୍ୟପ ପ୍ରକାଶ କରିଛନ୍ତି ।



# ମୁଁ ବଞ୍ଚିଛି

ସିଙ୍ଘମ ଅଭିନେତ୍ରୀ କାଜଲ ଅଗ୍ରୱାଲ ନିଜେ ନିଜ ମୃତ୍ୟୁର ପର୍ଦ୍ଦାଫାଶ କରିଛନ୍ତି । ସୂଚନା ଅନୁସାରେ ସୋସିଆଲ ମିଡିଆରେ କିଛି ପୋଷ୍ଟରେ କାଜଲଙ୍କର ମୃତ୍ୟୁ ହୋଇଥିବାନେଇ ଦାବି ହୋଇଥିଲା । ଯାହାକୁ ନିଜେ କାଜଲ ସୋସିଆଲ ମିଡିଆରେ ପଢିଥିଲେ । ଯାହାପରେ ସେ ନିଜ ଫ୍ୟାନଙ୍କ ପାଇଁ ଏକ ପୋଷ୍ଟ କରିଥିଲେ, ଯେଉଁଥିରେ ସେ ସୁସ୍ଥ ଥିବା କଥା ପ୍ରକାଶ କରିଥିଲେ । କାଜଲ ନିଜ ପୋଷ୍ଟରେ ସେ ବଞ୍ଚିଥିବା କଥା ଲେଖିବା ସହିତ ଏଗୁଡିକ ସବୁ ଗୁଜବ ବୋଲି ସ୍ପଷ୍ଟ କରିଛନ୍ତି । ସେହିଭଳି ଏଭଳି କିଛି ଗୁଜବଠାରୁ ସବୁବେଳେ ଦୂରେଇ ରୁହନ୍ତୁ ବୋଲି ସେ ଫ୍ୟାନମାନଙ୍କୁ ପରାମର୍ଶ ଦେଇଥିଲେ । ଏହାସହିତ ଏଭଳି ମିଛକୁ ଭାଇରାଲ କରିଥିବା ଲୋକଙ୍କ ଉପରେ ବର୍ଷିଥିଲେ କାଜଲ । ସୂଚନା ଅନୁସାରେ ବର୍ତ୍ତମାନ କାଜଲ ମାଲଦ୍ୱିପରେ ଛୁଟି କାଟୁଛନ୍ତି ।

# କାଶତଣ୍ଡୀ କହେ

କାଶତଣ୍ଡୀ କହେ ପିଲାଏ ଶୁଣ
କଥାକୁ ମୋର ଅନ୍ୟଥା ନ ମଣ ।
ବିଲ, ପଡିଆ ଓ ପଠାରେ ମୁହିଁ
ଜନମି ମାଆଙ୍କୁ ରହିଛି ଚାହିଁ ।
କେତେ ଝଡ଼ ବର୍ଷା ତା ସଙ୍ଗେ ଖରା
ସହୁଛି ତୁମେ ଦେଖିଥିବ ପରା ।
ଧଇର୍ଯ୍ୟକୁ ସଦା କରିଣ ସଙ୍ଗୀ
ଟିକେ ହେଲେ ମୁହିଁ ପଡିନି ଭାଙ୍ଗି ।
ଊର୍ଦ୍ଧ୍ୱକୁ ଟେକିଛି ମଥାକୁ ମୋର
ବାଧା ବିପତ୍ତିକୁ ନାହିଁ ମୋ ଡର ।
ସୁମରଣା କରି ବିଭୂଙ୍କ ନାମ
କାଟେ ଦିନ ରାତି କରି ମୋ କାମ ।
ଶୁଭ୍ର ରୂପେ ମୋହେ ସବୁରି ମନ
ତାହା ହିଁ ମୋ ପାଇଁ ଅମୂଲ୍ୟ ଧନ ।
ପାଇଅଛି ମୁଁ କେଡେ କ୍ଷୀଣ ତନୁ
ସେ କଥା ପାଶୋରି ଦେଇଛି ମନୁ ।
ଅଳ୍ପଦିନ ପାଇଁ ଜୀବନ ପାଇ
ସବୁରି ମନେ ଖୁସି ଦେଉ ଥାଇ ।
ମୋ ପରି ତୁମେ ବି ହୋଇଲେ ପିଲେ
ସଂସାରେ ସୁନାମ ଅର୍ଜିବ ଭଲେ ।

**ସୁଧାକର ରାଉତ**
ପ୍ରତାପ ନଗରୀ, କଟକ
ମୋ:୮୨୪୯ ୯୩୨୭ ୯୨



# ସପନ ଦେଖିଲା ସନିଆ

ରଘୁବାବୁ ଘରେ ସନାକୁ ଚାକିରି
ଛୋଟ ପିଲାବେଲୁ ରଖିଥିଲେ ,
କହିଲେ ସେ ଥରେ ଜାଳନାହି ଘରେ
ହାଣିବାକୁ ଗଛ ପଠାଇଲେ ॥
ତିନି ପୁରୁଷର ଆମ୍ବ ଗଛଟାକୁ
ସନିଆ ହାଣିଲା କୁରାଢୀରେ ,
ସକାଳରୁ ସଞ୍ଜ ଗଛଟାକୁ ସିଏ
ହାଣିଥିଲା ମାତ୍ର ପାଏ ଦରେ ॥
ରାତିରେ ଶୋଇଛି ସପନ ଦେଖିଲା
ଆମ୍ବ ଗଛ ଆସି କାନ୍ଦିକହେ ,
ଛାଇ, ଫୁଲ, ଫଳ ଜାଳିବାକୁ ଡାଳ
ବଂଚିବାକୁ ଅମ୍ଳଜାନ ଦିଏ ॥
ବରଷା କି ନଈ ଧୋଇ ନିଏ ନାହିଁ
ମାଟିକୁ ଜାବୁଡି ଧରିଥାଏ ,
ତୁମ ଶୁଖ ଲାଗି ଋତୁ ବଦଳାଇ
ବରଷାକୁ ଡାକି ଆଣୁଥାଏ ॥
ହଠାତ୍ ସନିଆ କାଉ ରାବ ଶୁଣି
ବିଛଣାରୁ ଗଲା ଉଠିପଡି,
ସପନର କଥା ମାଲିକର ପାଖେ
କହେ ତାଙ୍କ ଗୋଡ ତଳେ ପଡି ॥
ମାଲିକ କହିଲେ ହଅଁରେ ସନିଆ
ସପନର କଥା ନୁହେଁ ମିଛ,
ଆଜିଠୁ ଆମେରେ ଶପଥ କରିବା
ହାଣିବାନି ଆଉ କେବେ ଗଛ ॥

**ଅଧ୍ୟାପକ ମଳୟ କୁମାର ମଲ୍ଲିକ**
ଇନ୍ଦିରା ଗାନ୍ଧୀ ମହିଳା ଡିଗ୍ରୀ
ମହାବିଦ୍ୟାଳୟ (ବ୍ୟାସନଗର)
ତାଳଗଡିଆ, କୋରାଇ, ଯାଜପୁର



# ମାଟି ଚାଳଘର ସରଗ ମୋର

ମାଟି ଚାଳଘର ସରଗ ମୋର
ସେଠି ରହିଯାଏ ସେନେହ ମୋର ।
ଦୁଆରେ ଆଉଜା ବାଉଁଶତାଟି
କଟେ ଖରା ଶୀତ ବରଷା ସେଠି ।
ଟାଇଁ ଟାଇଁ ଖରା ନିଦାଘତାତି
ସହି ହୁଏ ସେଠି ଥରେନି ଛାତି ।
ରାତି ହେଲେ ଖସେ ଜହ୍ନ ଜୋଛନା
ବୋଉ କହେ ହସ ଲୁହ ପୋଛନା ।
ଭୋକ ହେଲେ ବୋଉ ଖୁଆଏ ଭାତ
ତା'ର ଯତନରେ ଶକତ ହାତ ।
ବୋଉ କରେ କେତେ ଓଷା ବରତ
ଆସି ଫେରିଯାଏ ଋତୁ ଶରତ ।
ମଗୁଶୁର ମାସେ କାକର ଖସେ
ଝୋଟି ଅଙ୍କା କାନ୍ଥ ମୁରୁକି ହସେ ।
ବଡ ହେବା ଆଶା ମନରେ ଜାଗେ
ସକାଳ ସଞ୍ଜଟି ବଢିଆ ଲାଗେ ।
ଦାମୀ କୋଠାଘର ନାହିଁତ ଲୋଡା
ତା' କୋଳରେ ଛୁଟେ ମନର ଘୋଡ଼ା ।

**ପ୍ରଶାନ୍ତ କୁମାର ଦାଶ**
କୁଞ୍ଜୀର, ସଙ୍ଗଲାଇ, ପିପିଲି, ପୁରୀ
ମୋ: ୯୬୭୮୮୨୨୧୯୦

# ସହଜେ ଶରତ କାଳ

ଶରତ ଆସିଲା ମରତ ପୁରକୁ
ସୁଷମା ଭଣ୍ଡାର ଧରି
ଶୋଭାପଣେ କିଏ ଶରତ ସହିତ
କଦାପି ହେବନି ସରି ॥
ବରଷାର ଭାଉ ରହିବନି ଆଉ
ବାଟ ଭାଙ୍ଗିଯିବ ଚାଲି
ପଚରପଚର ଗାଁ ଦାଣ୍ଡ ଆଉ
ହୋଇବନି ଆଜିକାଲି ॥
ବଉଦର ରଙ୍ଗ କଳା ବଦଳରେ
ଧୀରେ ହୋଇଯିବ ଧଳା
ସରସୀର ଜଳ କାଚକେନ୍ଦୁ ପରି
ଦିଶିବ ଘୁମର କଳା ॥
ସୁନୀଳ ଆକାଶ ସୁନ୍ଦର ଦିଶିବ
ଧଳା ମେଘ ଭାସୁଥିବ
ତୋଫା ଜହ୍ନ ତହିଁ ବାଦଲ ଉହାଡ଼ୁ
ଉଙ୍କି ମାରି ଲୁଚିଯିବ ॥
ନଈର ପଠାରେ କାଶତଣ୍ଡୀ ଫୁଟି
ଦିଶିବ ଅପୂର୍ବ ଶୋଭା
ଶ୍ୟାମଳିମା ପାଟ ପିନ୍ଧି ବସୁନ୍ଧରା
ସାଜିଥିବ ମନଲୋଭା ॥
ସରସୀରେ କଇଁ, ପଦ୍ମ ଫୁଟିଥିବେ
ଦେଖାଇ ଅପୂର୍ବ ଠାଣି
ଦେବୀ ଆଗମନ କରିବେ ଏକାଳେ
ଭକତଙ୍କ ମନ ଜାଣି ॥
ଶରତ କାଳୀନ କୁସୁମ ଫୁଟିବେ
ସୁନ୍ଦର ଦିଶିବ ଧରା
ବାଡ଼ିବଗିଚା ଯେ ପନିପରିବାରେ
ହୋଇଯାଇଥିବେ ଭରା ॥
ଶରତକାଳୀନ ପ୍ରାକୃତିକ ଶୋଭା
ସଭିଙ୍କର ଜିଣେ ମନ
ଶରତ ସୁଷମା ବଡ଼ ଅନୁପମା
ଯୁଗେଯୁଗେ ପ୍ରତି ସନ ॥

**ନିରଞ୍ଜନ ସାହୁ**
ନିହଲ ପ୍ରସାଦ, ଢେଙ୍କାନାଳ
ମୋ: ୯ ୯୩୮ ୭୪୧୫୮୩




# ଜେନ୍ Z ହିଂସା

ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମଗୁଡ଼ିକ ଉପରେ ନେପାଳ ସରକାର ନିଷେଧାଦେଶ ଲଗାଇବା ପରେ ଦେଶରେ ବିଦ୍ରୋହର ନିଆଁ ଜଳିଛି। ସରକାରଙ୍କ ନିଷ୍ପତ୍ତିକୁ ବିରୋଧ କରି ଯୁବ ଛାତ୍ର ବିକ୍ଷୋଭରେ ସାମିଲ ହେବା ପରେ ଆନ୍ଦୋଳନକୁ ଦମନ କରିବାକୁ ଯାଇ ପୋଲିସ ବଳ ପ୍ରୟୋଗ କରିବାରୁ ୨ ଦିନରେ ୨୩ ଜଣଙ୍କ ମୃତ୍ୟୁ ଘଟିବା ସହ ୩୫୦ରୁ ଉର୍ଦ୍ଧ୍ୱ ଆହତ ହୋଇଥିଲେ। ଏହାପରେ ଆନ୍ଦୋଳନକାରୀ ଅଧିକ କ୍ରୋଧିତ ହୋଇ ଦେଶସାରା ଜଳାପୋଡ଼ା ଆରମ୍ଭ କରିଦେଇଥିଲେ। ସ୍ଥିତି ଅଣାୟତ ହଉଥିବା ଦେଖି ଶେଷରେ ସରକାର ଆନ୍ଦୋଳନକାରୀଙ୍କ ଆଗରେ ମୁଣ୍ଡ ନୁଆଁଇ ସୋସିଆଲ୍ ମିଡିଆ ଉପରେ ଲଗାଇଥିବା ନିଷେଧାଦେଶ ପ୍ରତ୍ୟାହାର କରିନେଇଥିଲେ। ହେଲେ ଏଥିରେ ମଧ୍ୟ ଆନ୍ଦୋଳନକାରୀଙ୍କ କ୍ରୋଧ ପ୍ରଶମିତ ହୋଇ ନ ଥିଲା ବରଂ ହିଂସା ଉଗ୍ରରୂପ ନେଇଥିଲା। ଜେନ୍ ଜେଡ୍ ବିକ୍ଷୋଭକାରୀମାନେ ଦେଶର ବିଭିନ୍ନ ଭାଗରେ ଭଙ୍ଗାରୁଜା ଓ ପୋଡ଼ାଜଳା କରିଥିଲେ। ସେମାନେ ପାର୍ଲାମେଣ୍ଟ ଭବନ, ଦେଶର ସୁପ୍ରିମକୋର୍ଟ, ରାଷ୍ଟ୍ରପତି ପୌଡେଲ ଏବଂ ପ୍ରଧାନମନ୍ତ୍ରୀ ଖଡ୍‌ଗ ପ୍ରସାଦ ଶର୍ମା ଓଲିଙ୍କ ବାସଭବନରେ ନିଆଁ ଲଗାଇଦେଇଥିଲେ।

**ରାଜନୈତିକ ଅସ୍ଥିରତା ଓ ସୋସିଆଲ୍ ମିଡିଆ ଉପରେ ପ୍ରତିବନ୍ଧକରୁ ଜଳିଉଠିଥିବା ନେପାଳ ବିଦ୍ରୋହ ନିଆଁ କିଛିମାତ୍ରାରେ ପ୍ରଶମିତ ହୋଇଛି। ଅରାଜକ ସ୍ଥିତି ସମ୍ଭାଳିବା ଭାର ଏବେ ସେନା ନିଜ ହାତକୁ ନେଇଥିବା ବେଳେ କିଏ ହେବ ଅନ୍ତରୀଣ ପ୍ରଧାନମନ୍ତ୍ରୀ ତାକୁ ନେଇ ଚର୍ଚ୍ଚା ଜାରିରହିଛି...**

ପୂର୍ବତନ ପ୍ରଧାନମନ୍ତ୍ରୀ ପୁଷ୍ପକମଲ ଦହଲ ଓରଫ ପ୍ରଚଣ୍ଡ ଏବଂ ଶେର୍ବାହାଦୁର ଦେଉବା, ଶକ୍ତିମନ୍ତ୍ରୀଙ୍କ ଘର ମଧ୍ୟ ଭଙ୍ଗାରୁଜାରୁ ବର୍ତ୍ତି ନ ଥିଲା। ପୂର୍ବତନ ପ୍ରଧାନମନ୍ତ୍ରୀ ଝଲାନାଥ ଖାନଲଙ୍କ କାଠମାଣ୍ଡୁର ଡାଲ୍ଲୁ ଅଞ୍ଚଳରେ ଥିବା ଘରେ ବିକ୍ଷୋଭକାରୀ ନିଆଁ ଲଗାଇଦେବାରୁ ଭିତରେ ରହିଯାଇଥିବା ତାଙ୍କ ସ୍ତ୍ରୀ ରାଜ୍ୟଲକ୍ଷ୍ମୀ ଚିତ୍ରକରଙ୍କ ମୃତ୍ୟୁ ଘଟିଥିଲା। ସିଂହ ଦରବାର ପରିସର, ଦଳୀୟ କାର୍ଯ୍ୟାଳୟ ଓ ବରିଷ୍ଠ ନେତାମାନଙ୍କ ଘରେ ବିକ୍ଷୋଭକାରୀ ପୋଡ଼ାଜଳା କରିଥିଲେ। କାଠମାଣ୍ଡୁ ରାସ୍ତାରେ ସେମାନେ ଅର୍ଥମନ୍ତ୍ରୀ ବିଷ୍ଣୁ ପ୍ରସାଦ ପୌଡେଲଙ୍କୁ ଗୋଡ଼ାଇ ଗୋଡ଼ାଇ ଆକ୍ରମଣ କରିଥିଲେ। ଜଣକ ପରେ ଜଣେ ମନ୍ତ୍ରୀ ଇସ୍ତଫା ଦେବା ଏବଂ ସରକାରଙ୍କଠାରୁ ଦୂରେଇଯିବା ପରେ ପ୍ରଧାନମନ୍ତ୍ରୀ ଓଲି ଇସ୍ତଫା ଦେବା ପାଇଁ ଚାପ ଜୋରଦାର ହୋଇଥିଲା। ଶେଷରେ ପ୍ରଧାନମନ୍ତ୍ରୀ ଏବଂ ରାଷ୍ଟ୍ରପତି ପୌଡେଲ ଇସ୍ତଫା ଦେଇଥିଲେ। ରାଜନୈତିକ ନେତୃତ୍ୱର ଅନୁପସ୍ଥିତିରେ ଏବେ ନେପାଳୀ ସେନା ଦେଶର ସୁରକ୍ଷା ସ୍ଥିତି ନିଜ ହାତକୁ ନେଇଛି। ଆନ୍ଦୋଳନକାରୀ ଆଲୋଚନା ଜରିଆରେ ସଙ୍କଟର ସମାଧାନ ପାଇଁ ନେପାଳୀ ସେନା ଏବଂ ଅନ୍ୟ ସୁରକ୍ଷା ସଂସ୍ଥାର ମୁଖ୍ୟମାନେ ନିବେଦନ କରୁଛନ୍ତି। ରାଜନୈତିକ ଆଲୋଚନା ମାଧ୍ୟମରେ ସମସ୍ୟାର ଶାନ୍ତିପୂର୍ଣ୍ଣ ସମାଧାନ ମାର୍ଗ ଖୋଜିବା ପାଇଁ ସେମାନେ ରାଜନୈତିକ ଦଳଗୁଡ଼ିକୁ ଆହ୍ୱାନ ଦେଇଛନ୍ତି।

ଅନ୍ୟପକ୍ଷରେ ଜେନ୍-ଜେଡ୍ ବିକ୍ଷୋଭକାରୀଙ୍କ ପକ୍ଷରୁ ଏକ ଭର୍ଚୁଆଲ ବୈଠକ ଡକାଯାଇ ସାମ୍ପ୍ରତିକ ସ୍ଥିତି ଓ ଚ୍ୟାଲେଞ୍ଜଗୁଡ଼ିକ ବିଷୟରେ ଆଲୋଚନା ପରେ ଦେଶର ଅନ୍ତରୀଣ ପ୍ରଧାନମନ୍ତ୍ରୀ ପଦ ପାଇଁ ଦୁଇ ଜଣଙ୍କ ନାମ ଉଠାଯାଇଥିଲା। ସେମାନେ ହେଲେ ନେପାଳ ସୁପ୍ରିମକୋର୍ଟର ପୂର୍ବତନ ପ୍ରଧାନ ବିଚାରପତି ୭୩ ବର୍ଷୀୟ ସୁଶୀଳା କାର୍କି ଓ କାଠମାଣ୍ଡୁର ମେୟର ବାଲେନ୍ ଶାହ। ଦୁହିଁଙ୍କ ମଧ୍ୟରୁ ସୁଶୀଳାଙ୍କୁ ଅଧିକ ସମର୍ଥନ ମିଳିଥିବାରୁ ଶୀଘ୍ର ଜେନ୍-ଜେଡ୍‌ର ଏକ ଦଳ ଅନ୍ତରୀଣ ପ୍ରଧାନମନ୍ତ୍ରୀ ପଦ ପାଇଁ ସୁଶୀଳାଙ୍କ ନାମର ପ୍ରସ୍ତାବ ନେଇ ନେପାଳର ସେନାମୁଖ୍ୟଙ୍କ ସହ ଆଲୋଚନା କରିବ ବୋଲି ଜଣାପଡ଼ିଛି।

୨୦୨୪ ଜୁଲାଇରେ ଓଲି ତୃତୀୟ ଥର ପ୍ରଧାନମନ୍ତ୍ରୀ ହେବା ପରଠୁ ତାଙ୍କ ବିରୋଧରେ ଦୁର୍ନୀତି ଅଭିଯୋଗ ହୋଇଆସୁଛି। ଦେଶ ଭ୍ରଷ୍ଟାଚାର ଓ ରାଜନୈତିକ ଅସ୍ଥିରତା ଦେଇ ଗତି କରୁଥିବାବେଳେ ରାଜତନ୍ତ୍ର ଫେରାଇ ଆଣିବା ଦାବିରେ ଅନେକ ଥର ଆନ୍ଦୋଳନ ମୁଣ୍ଡ ଟେକିଛି। ଇତିମଧ୍ୟରେ ଗତ ୪ ତାରିଖରେ ଓଲିଙ୍କ ନେତୃତ୍ୱାଧୀନ ସିପିଏନ୍(ୟୁଏନ୍ଏଲ୍)-ନେପାଳୀ କଂଗ୍ରେସ ମେଣ୍ଟ ସରକାର ଦେଶରେ ଫେସ୍‌ବୁକ୍, ଇନ୍‌ଷ୍ଟାଗ୍ରାମ୍, X, ୟୁଟ୍ୟୁବ୍, ହ୍ୱାଟ୍ସଆପ୍, ଲିଙ୍କେଡ୍‌ଇନ୍, ରେଡିଟ୍ ସମେତ ୨୬ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ଉପରେ ନିଷେଧାଦେଶ ଜାରି କରିଥିଲେ। ସରକାର ସାମାଜିକ ଗଣମାଧ୍ୟମ ମଞ୍ଚଗୁଡ଼ିକୁ ବ୍ୟାନ୍ କରି ଦୁର୍ନୀତି ବିରୋଧୀ ସ୍ୱରକୁ ଚପାଇଦେବାକୁ ଉଦ୍ୟମ କରୁଥିବା ଦର୍ଶାଇ ହଜାର ହଜାର ଛାତ୍ରଛାତ୍ରୀ ଜେନ୍ ଜେଡ୍ (୧୯୯୭ରୁ ୨୦୧୦ ମଧ୍ୟରେ ଜନ୍ମିତ ପିଢ଼ି) ବ୍ୟାନରରେ ଆନ୍ଦୋଳନରେ ସାମିଲ ହୋଇଥିଲେ। ଏପରି କି ସେମାନେ ପାର୍ଲାମେଣ୍ଟକୁ ଧସେଇ ପଶିଥିଲେ, ଯାହାକୁ ନେଇ ବିକ୍ଷୋଭକାରୀ ଓ ପୋଲିସ ମୁହାଁମୁହିଁ ହୋଇଥିଲେ। ଫଳସ୍ୱରୂପ ୩ ପୋଲିସ କର୍ମଚାରୀଙ୍କୁ ମିଶାଇ ମୋଟ୍ ୨୫ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ପ୍ରାୟ ୬୫୦ ଆହତ ହୋଇଥିଲେ।

ଭ୍ରଷ୍ଟ ଶାସନତନ୍ତ୍ର ବିରୋଧୀ ବିକ୍ଷୋଭରୁ ହିଂସା ଜନ୍ମ ନେଇଛି ବୋଲି କୁହାଯାଉଛି। ଦାରିଦ୍ର୍ୟ ଓ ବେକାରିକୁ ନେଇ ଯୁବପିଢ଼ିଙ୍କ ମଧ୍ୟରେ ଦୀର୍ଘ ଦିନ ହେବ ଆକ୍ରୋଶ ରହିଆସିଛି। ଏକ ରିପୋର୍ଟ ଅନୁଯାୟୀ, ନେପାଳର ପ୍ରାୟ ୧୯% ଯୁବପିଢ଼ି ବେରୋଜଗାର ରହିଛନ୍ତି। ରୋଜଗାର ପାଇଁ ଅଧିକାଂଶ ଯୁବକଙ୍କୁ ଦେଶ ବାହାରକୁ ଯିବାକୁ ପଡୁଛି। ଦେଶରେ ଏପରି ବେକାରି ସ୍ତର ରହିଛି, ଯେଉଁଥିରେ ରୁଷିଆ ଏବଂ ୟୁକ୍ରେନ୍ ଯୁଦ୍ଧରେ ନେପାଳୀ ଲୋକଙ୍କୁ ଭଡ଼ାଟିଆ ସୈନିକ ଭାବରେ କାମ କରିବାକୁ ବାଧ୍ୟ କରାଯାଉଛି। ନେପାଳୀ ଯୁବପିଢ଼ିଙ୍କ ଏହି ଆକ୍ରୋଶ ଚରମସୀମାରେ ଥିବାବେଳେ ଦେଶର ସରକାରଙ୍କ ସୋସିଆଲ ମିଡିଆ ଉପରେ ପ୍ରତିବନ୍ଧକ ପାଇଁ ନିର୍ଦ୍ଦେଶନାମା ସେମାନଙ୍କ ଆକ୍ରୋଶକୁ ବଢ଼ାଇଥିବା ନେଇ ବିଭିନ୍ନ ରିପୋର୍ଟ ପ୍ରକାଶ ପାଇଛି।





# ମନ୍ଦିର ବେଢ଼ା

**ମନ୍ଦିରର ବାହାର ବେଢାରେ ଏଭଳି ଅନେକ ମନ୍ଦିର ସହ ସ୍ଥାନ ରହିଛି ଯାହାର ମାହାତ୍ମ୍ୟ ଭକ୍ତଙ୍କ ଗହଣରେ ଖୁବ ସ୍ୱତନ୍ତ୍ର । ସମସ୍ତଙ୍କର ଶ୍ରୀମନ୍ଦିରକୁ ନେଇ ରହିଛି ନିଆରା ଅନୁଭୂତି । ସମସ୍ତେ ଏଠାକୁ ଆସିଲେ ଠାକୁରଙ୍କର ଅନନ୍ୟ ଅନୁଭୂତି ନେଇ ଘରକୁ ଫେରନ୍ତି ।**

## ଝାଡଶ୍ୱେରୀ ଠାକୁରାଣୀଙ୍କ ମନ୍ଦିର

ଶୀତଳା ଠାକୁରାଣୀଙ୍କ ସେବକମାନେ ଏ ଠାକୁରାଣୀଙ୍କ ସେବା କରନ୍ତି । କୋଠରୁ ବଲ୍ଲଭ ଓଳିଏ ଦୈନିକ ଖଞ୍ଜା ।

## ଆନନ୍ଦ ବଜାର

ଏଠଆରେ ମହାପ୍ରସାଦ ବିତରଣ କରାଯାଇଥାଏ । ସ୍ନାନମଣ୍ଡପ ଠାରୁ ସରକାରୀ ପସରା ଯାଏ ଖୋଲିଥିବା ସ୍ଥାନରେ ସୁଆର ମହାସୁଆରମାନେ ବସି ମହାପ୍ରସାଦ ବିତରଣ କରନ୍ତି । ଏହି ଆନନ୍ଦବଜାରକୁ ଆମୂଳଚୁଳ ପୁନର୍ଗଠନ କରାଯାଇଥିଲା । ଏଠାରେ ଦେବସ୍ନାନ ମଣ୍ଡପ ପ୍ରତିଷ୍ଠିତ । ଏହାର ମଧ୍ୟ ପୁନଃନିର୍ମାଣ କରାଯାଇ ଚନ୍ଦ୍ରୋତୋପମାନ ଟାଣିବା ସକାଶେ ଆଲୁମିନିୟମ ଖୁଣ୍ଟ ସବୁ ପୋତାଯାଇ ଚିରସ୍ଥାୟୀ ଭାବରେ ରଖାଯିବାର ବନ୍ଦୋବସ୍ତ କରାଯାଇଛି । ରଥଯାତ୍ରାରେ ତିନିରଥରେ ଲାଗିଥିବା ବିଭିନ୍ନ ରଙ୍ଗର କପଡାରେ ଏହି ଚାନ୍ଦୁଆ ତିଆରି ହୁଏ ଏବଂ ସ୍ନାନ ପୂର୍ଣ୍ଣିମା ଦିନ ଏହି ମଣ୍ଡପରେ ଟଣାଯାଇଥାଏ । ଏଠାରେ ବାଇଶି ପାହାଚ ସୀମାଠାରୁ ଆନନ୍ଦ ବଜାର ସମୁଦାୟ ଅଂଶ ପୁନଃ ମରାମତି କରାଯାଇଥିଲା । ଶୃଙ୍ଖଳା ମହାପ୍ରସାଦ ବିକ୍ରି ନିମନ୍ତେ ଦୁଇଧାଡି ସ୍ଥାୟୀ ଗୃହ ନିର୍ମାଣ କରାଯାଇଥିଲା । ଏହି ଆନନ୍ଦ ବଜାର ପ୍ରବେଶ ଦ୍ୱାର ବାଇଶି ପାହାଚ ଭିତର ବେଢାରୁ ଦୁଇଟି ଦ୍ୱାର ଅଛି । ଏହି ଦ୍ୱାର ଦେଇ ଶ୍ରୀଜୀଉମାନେ ପହଣ୍ଡି କରନ୍ତି । ଏହି ଆନନ୍ଦ ବଜାର ମଧ୍ୟରେ ସ୍ନାନ ମଣ୍ଡପ ଅବସ୍ଥିତ । ସ୍ନାନ ପୂର୍ଣ୍ଣିମାରେ ଏଠାରେ ଠାକୁରଙ୍କର ନୀତି କାନ୍ତି ହୋଇଥାଏ ।

## ବେଢା ଲୋକନାଥ ଓ ଗଣେଶ ମନ୍ଦିର

ଏହି ଠାକୁରଙ୍କ ପାଇଁ ଦୈନିକ ଖଞ୍ଜା ଅଛି କାକରା, ତେଲ, ମାଣିକା, ବଲ୍ଲଭ ଅଧଓଳି । ଜାଗର ଦିନ ଏଠାରେ ପର୍ବାଣି ନୀତି ହୁଏ । ଏହା ପାଇଁ ମଧ୍ୟ କୋଠରୁ ଖଞ୍ଜା ଅଛି ।

## ପର୍ଶୁନାଥ ବା କାଶିନାଥ ମନ୍ଦିର

ଏଥିପାଇଁ କୌଣସି କୋଠରୁ ଖଞ୍ଜା ନାହିଁ ।

## ଇଶାନେଶ୍ୱର ମହାଦେବ ମନ୍ଦିର

କୋଠରୁ ଦୈନିକ ନୀତି ସକାଶେ ବଲ୍ଲଭ ଓଳି ଖଞ୍ଜା ଅଛି । ଅଶୋକାଷ୍ଟମୀ ଦିନ ଶ୍ରୀଲୋକନାଥ ଏଠାକୁ ଆସନ୍ତି । ଜାଗର ଦିନ ଏଠାରେ ପୂଜା ହୁଏ । ଏହି ପୂର୍ବବର୍ଣ୍ଣିତ ମନ୍ଦିର ସବୁ ଶ୍ରୀମନ୍ଦିର ବାହାର ବେଢାରେ ଅବସ୍ଥିତ । ବାହାର ବେଢାର ଅର୍ଥ ମେଘନାଦ ପାଚେରି ଏବଂ ଭିତର ବେଢା ପାଚେରି ଶ୍ରୀମନ୍ଦିରକୁ ଚାରିଦିଗରୁ ଘେରିକରି ଅଛି ।

> ଉପରୋକ୍ତ ତଥ୍ୟ ପରମାନନ୍ଦ ତ୍ରିପାଠୀଙ୍କ ଲିଖିତ ପୁରୁଷୋତ୍ତମ ଶ୍ରୀଜଗନ୍ନାଥ ସଂସ୍କୃତି ପୁସ୍ତକରୁ ଆନୀତ ।




# ମା ବେଙ୍ଗର ପେଟ ଫାଟିଲା

ଜୀବନରେ ଆଈମା କାହାଣୀ ପେଡିରେ ଏଭଳି ଅନେକ କାହାଣୀ ଅଛି ଯିଏ ଜୀବନରେ ଆମକୁ ଅନେକ କିଛି ଶିକ୍ଷା ପ୍ରଦାନ କରିଥାଏ। ଜୀବନରେ କିଭଳି ଗର୍ବ କରିବା ଖୁବ ଖରାପ ହୋଇଥାଏ, ଏବଂ ଏହି ଗର୍ବ ପାଇଁ ଆମର ଅନେକ କ୍ଷତି ହୋଇଥାଏ ସେ ସମ୍ପର୍କରେ ଅନେକ କାହାଣୀ ଆମକୁ ଶିକ୍ଷା ଦେଇଥାଆନ୍ତି । ସେହିଭଳି ଏକ କାହାଣୀ ହେଲା ଫୁଲେଇ ବେଙ୍ଗ, ଯିଏ ଗର୍ବ କରିବା କାରଣରୁ କିଭଳି ତାର ସର୍ବନାଶ ହୋଇଥିଲା ଏଥିରେ ଦର୍ଶାଯାଇଛି । ଆସନ୍ତୁ ଜାଣିବା କାହାଣୀର ମୂଳ ବସ୍ତୁ ।

ଏକଦା ଗୋଟିଏ ବେଙ୍ଗ ତାର ଛୁଆ ପିଲାଙ୍କୁ ଧରି ଗୋଟିଏ ଗାଁରେ ସାରୁଗଛ ମୂଳେ ଘର କରିଥିଲା । ବର୍ଷା ଦିନେ ସମସ୍ତେ ଏଠାରେ ଖୁବ ସୁଖରେ ଜୀବନ ବଞ୍ଚିଥାଆନ୍ତି । ବେଙ୍ଗ ପିଲାଙ୍କୁ ଆହାର ଯୋଗାଇ ଦେଇଥାଏ ଏବଂ ଭଲରେ ରଖିଥାଏ । ତେବେ ଏହି ବେଙ୍ଗଟି ଅଧିକ ଗର୍ବି ଥିଲା । ନିଜକୁ ସବୁ ଆସେ ବୋଲି ମନେମନେ ତାର ଧାରଣା ଥିଲା । ଦୁନିଆରେ ସମସ୍ତଙ୍କ ଠାରୁ ସେ ବଡବୋଲି ସବୁବେଳେ ଭାବିଥାଏ । କେହି ତାକୁ କମ ବୋଲି କହିଦେଲେ ସେ ସହି ପାରିନଥାଏ । ତେବେ ଦିନେ ବେଙ୍ଗଟି ଖାଦ୍ୟ ଖୋଜିବାକୁ ବାହାରକୁ ଯାଇଥାଏ । ଏହି ସମୟରେ ତାର ଛୁଆମାନେ ସାରୁ ଗଛତଳେ ଖେଳୁ ଥାଆନ୍ତି । ଠିକ୍ ସେତେବେଳେ ଗୋଟିଏ ଷଣ୍ଢ ସେଠାକୁ ଆସିଲା । ଷଣ୍ଢଟି ଖୁବ ବଡ ହୋଇଥିଲା। ତାକୁ ଦେଖି ବେଙ୍ଗଛୁଆମାନେ ଖୁବ ଡରିଯାଇଥିଲେ ଏବଂ ଲୁଚି ଯାଇଥିଲେ । କିଛି ସମୟ ପରେ ଷଣ୍ଢଟି ସେହି ସ୍ଥାନ ଛାଡି ପଳେଇ ଯାଇଥିଲା । ତେବେ ଏହାର କିଛି ସମୟ ପରେ ମା ବେଙ୍ଗ ଘରକୁ ଫେରିଥିଲା । ତାକୁ ଦେଖି ପିଲାମାନେ ତା ପାଖକୁ ଦୌଡିଆସିଥିଲେ। ପାଖକୁ ଆସି ଦିନରେ ଦେଖିଥିବା ଜୀବକଥା କହିବାକୁ ଲାଗିଲେ। ତେବେ ଜୀବଟି ଖୁବ ବଡ ଥିଲା ବୋଲି ପିଲାମାନେ ମାଆକୁ କହିଥିଲେ । ଏହା ଶୁଣି ବେଙ୍ଗ କହିଲା ମୁଁ ସବୁଠାରୁ ବଡ, ମୋ ଠାରୁ ଆଉ କେହି ବଡ ନାହାନ୍ତି । ତେବେ ଏହାର ଉତ୍ତରରେ ପିଲାମାନେ କହିଲେ ନା ମାଆ ସେ ତମଠାରୁ ଖୁବ ଅଧିକ ବଡ ଥିଲା, ଏହି କଥାଟି ମାଆ ବେଙ୍ଗକୁ ଖରାପ ଲାଗିଲା । ତାର ଗର୍ବକୁ ଆଘାତ ଦେଲା ଏହି କଥା ତେଣୁ ସେ ରାଗିଯାଇ ନିଜ ପେଟକୁ ଫୁଲାଇବା ଆରମ୍ଭ କରିଥିଲା । ଯେପରି ସେହି ଜୀବ ଭଳି ବଡ ଦେଖାଯିବ। କିଛି ସମୟ ପେଟ ଫୁଲାଇବା ପରେ ସେ ପଚାରିଥିଲା ଏବେ କିଏ ବଡ, ଉତ୍ତରରେ ପିଲାମାନ ସେହି ଜୀବ ବୋଲି କହିଥିଲେ । ଏହିପରି ସେ ନିଜକୁ ଫୁଲାଇବାରେ ଲାଗିଲା ହେଲେ ଷଣ୍ଢ ଠାରୁ ବଡ ହୋଇପାରିଲା ନାହିଁ। ତେବେ ବେଙ୍ଗଟି ରାଗରେ ନିଜକୁ ଏତେମାତ୍ରାରେ ଫୁଲାଇ ଦେଲାକି ତାର ପେଟ ଫାଟିଗଲା ଓ ତାର ମୃତ୍ୟୁ ଘଟିଲା । ତେଣୁ ଅତି ଗର୍ବରୁ ମୃତ୍ୟୁ ହୋଇଥାଏ ବୋଲି ଏହି ଗପରୁ ଶିକ୍ଷା ମିଳିଥାଏ । ନିଜକୁ ସମସ୍ତଙ୍କଠୁ ବଡ ବୋଲି ଭାବିବା ଏକ ବଡ ଭୁଲ, ଦୁନିଆରେ ଆମକୁ ସମସ୍ତଙ୍କ ପାଖରୁ କିଛି ନା କିଛି ଶିକ୍ଷା ମିଳିଥାଏ, ତେଣୁ ସବୁବେଳେ ଅନ୍ୟମାନଙ୍କୁ ସମ୍ମାନ ଦେବାର ଆବଶ୍ୟକତା ରହିଛି ବୋଲି ଏହି ଗପ ଶିକ୍ଷା ଦେଇଥାଏ ।

**ପିଲାଦିନେ ଅନେକ ଗପ ଏଭଳି ଥାଏ ଯିଏ ମଜାରେ ମଜାରେ ଆମକୁ ଜୀବନର ଅନେକ କିଛି ନୀତି ଶିକ୍ଷା ଶିଖାଇଥାଏ । ଏହି ଗପ ଗୁଡିକ ଯେ ଖାଲି ମନୋରଞ୍ଜନ ପାଇଁ ହୋଇଥାଏ ତାହା ନୁହେଁ । ଏହା ଆମକୁ ଜୀବନ ସମ୍ପର୍କରେ ଅନେକ କିଛି ଶିଖାଇ ଥାଆନ୍ତି ।**








# ସାଲଭେଙ୍କ ଜିଦ୍‌ରୁ ଏସିଆ କପ୍‌ର ଜନ୍ମ

୧୯୮୩ର ବିସିସିଆଇ ସଭାପତିଙ୍କୁ ବିଶ୍ୱକପ ଫାଇନାଲର ଦୁଇଟି ଟିକେଟ୍ ମିଳିନଥିଲା। ଏହା ପରେ ହିଁ ବିଶ୍ୱ କପକୁ ଟକ୍କର ଦେବା ଭଳି ଏସିଆ କପ୍‌ର ଜନ୍ମ ହୋଇଥିଲା। ୧୯୮୪ରେ ଆରମ୍ଭ ହୋଇଥିଲା ଏସିଆ କପ୍। ଏବେ ଟୁର୍ଣ୍ଣାମେଣ୍ଟର ୧୭ତମ ସଂସ୍କରଣ ଖେଳାଯିବ। ୧୯୮୩ ବିଶ୍ୱ କପ୍ ଫାଇନାଲରେ ବିସିସିଆଇ ସଭାପତିଙ୍କୁ ଯେଉଁଭଳି ବ୍ୟବହାର କରାଗଲା ଏହି କାରଣରୁ ହିଁ ଏସିଆ କପ୍ ଟୁର୍ଣ୍ଣାମେଣ୍ଟର ଜନ୍ମ ହୋଇଥିଲା। ଏହା ବିଶ୍ୱ କ୍ରିକେଟ୍‌ର ଏକମାତ୍ର ଅଣଆଇସିସି ଟୁର୍ଣ୍ଣାମେଣ୍ଟ। ଏସିଆ କପ୍ ଆରମ୍ଭ ହେବା ପଛରେ ଥିଲେ ବିସିସିଆଇର ତତ୍କାଳୀନ ଅଧ୍ୟକ୍ଷ ନରେନ୍ଦ୍ର କୁମାର ପ୍ରସାଦରାଓ ସାଲ୍‌ଭେ। ସେ ଇଂଲଣ୍ଡ କ୍ରିକେଟ୍ ବୋର୍ଡର ପ୍ରାଧାନ୍ୟକୁ ଶେଷ କରିବାକୁ ଅଣ୍ଟା ଭିଡିଥିଲେ। ବିଶ୍ୱ କପ୍ ୧୯୮୩ ଫାଇନାଲ ପାଇଁ ସାଲଭେ ଇସିବି ନିକଟରେ ଅତିରିକ୍ତ ଦୁଇଟି ଟିକେଟ୍ ଦେବାକୁ ଅନୁରୋଧ କରିଥିଲେ। କିନ୍ତୁ ଇସିବି ଏହି ଅନୁରୋଧକୁ ରକ୍ଷା କରିନଥିଲା। ଏସିଆ ଦେଶ ଗୁଡିକର କ୍ରିକେଟ୍ ବୋର୍ଡ ସେହି ସମୟରେ ଶକ୍ତିଶାଳୀ ନଥିଲେ। ତେଣୁ ପ୍ରଥମ ୩ଟି ବିଶ୍ୱ କପ୍ ଇଂଲଣ୍ଡରେ ଆୟୋଜିତ ହୋଇଥିଲା। ମାତ୍ର ସାଲ୍‌ଭେ କେବଳ ବିଶ୍ୱ କପକୁ ଇଂଲଣ୍ଡ ବାହାରକୁ ନେଇଯାଇନଥିଲେ, ବରଂ ଏସିଆ କପ୍‌ର ମୂଳଦୁଆ ପକାଇଥିଲେ। ସାଲଭେ ପାକିସ୍ତାନ କ୍ରିକେଟ୍ ବୋର୍ଡ ସହ ମିଶି ଏସିଆରେ କ୍ରିକେଟ୍ ଖେଳୁଥିବା ଅନ୍ୟଦେଶ ସହ ଯୋଗାଯୋଗ କରି ଏକ କ୍ରିକେଟ୍ ପରିସଦ ଗଠନ କରିଥିଲେ। ଯାହାର ନାଁ ଏସିଆନ କ୍ରିକେଟ୍ କାଉନସିଲ୍ ଦିଆଗଲା। ଏହାର ପ୍ରଥମ ଚେୟାରମ୍ୟାନ୍ ଥିଲେ ସାଲଭେ। ସଂଘର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଏସିଆରେ କ୍ରିକେଟ୍ର ପ୍ରସାର କରିବା। ବିସିସିଆଇର ସଭାପତି ସାଲଭେ, ପିସିବି ସଭାପତି ନୁର ଖାନ୍ ଏବଂ କ୍ରିକେଟ୍ ଶ୍ରୀଲଙ୍କାର ସଭାପତି ଗାମିନୀ ଦିଶାନାୟକେ ମିଳିତ ଭାବେ ୧୯୮୩ ସେପ୍ଟେମ୍ବର ୧୯ରେ ଦିଲ୍ଲୀରେ ଏସିଆନ୍ କ୍ରିକେଟ୍ କନଫରେନ୍ସ ଗଠନ କରିଥିଲେ। ଏହାର ଉଦ୍ଦେଶ୍ୟ ଥିଲା ଏସିଆ କପ୍ ଆୟୋଜନ କରିବା। କିନ୍ତୁ ଭାରତ ପାକିସ୍ତାନ ଓ ଶ୍ରୀଲଙ୍କା ପାଖରେ ଏସିଆ କପ୍ ଆୟୋଜନ ପାଇଁ ସେତେ ଅର୍ଥ ଓ ଷ୍ଟାଡିୟମ୍ ବି ନଥିଲା। ଏଭଳି ସ୍ଥିତିରେ ସହାୟତର ହାତ ବଢାଇଥିଲେ ୟୁଏଇ ସରକାର। ୟୁଏଇ ସରକାରଙ୍କ ସହ ମିଶି ଏସିସି ଆଗକୁ ବଢିଥିଲା। ସାରଜାରେ ୧୯୮୪ରେ ଏସିଆ କପ୍‌ର ପ୍ରଥମ ସଂସ୍କରଣ ଆରମ୍ଭ ହୋଇଥିଲା। ଏହି ସଂସ୍କରଣରେ ଭାରତ, ଶ୍ରୀଲଙ୍କା ଓ ପାକିସ୍ତାନ ଭାଗ ନେଇଥିଲେ। ପରେ ଏଥିରେ ଭାରତ ଚାମ୍ପିଅନ ହୋଇଥିଲା। ଗୋଷ୍ଠୀ ପରେ ଗୋଟିଏ ଦଳ ଏସିସିରେ ଯୋଡି ହୋଇଥିଲା। ଏବେ ଦଳ ସଂଖ୍ୟା ୮ରେ ପହଞ୍ଚିଲାଣି। ଏସିଆନ୍ କ୍ରିକେଟ୍ କାଉନସିଲରେ ଏସିଆନ ଦେଶ ୩୦ଟି ସଦସ୍ୟ ଅଛନ୍ତି। ସାଲ୍‌ଭେ କେବଳ ଏତିକିରେ ଅଟକି ନଥିଲେ। ସେ ବିଶ୍ୱ କପ୍‌କୁ ଇଂଲଣ୍ଡ ବାହାରକୁ ନେବାରେ ପଣ କରିଥିଲେ। ଏସିଆରେ ମଧ୍ୟ ବଡ଼ ମ୍ୟାଚ ଆୟୋଜନ ହୋଇପାରିବ ବୋଲି ଭରସା ବଢିଥିଲା। ଏସିଆ କ୍ରିକେଟ୍‌ର ଏକଜୁଟ ଦୁନିଆକୁ ଦେଖାଇଦେଇଥିଲା ଯେ ଖେଳର ବିସ୍ତାର ହେବା ଉଚିତ। ଏହି କାରଣରୁ ଆଇସିସି କାର୍ଯ୍ୟାଳୟ ପ୍ରଥମେ ଲଣ୍ଡନ ଲର୍ଡ୍ସରେ ଥିଲା। ପରେ ଦୁବାଇକୁ ସ୍ଥାନାନ୍ତର ହୋଇଥିଲା। ଏପରିକି ୧୯୮୭ ବିଶ୍ୱ କପ୍‌କୁ ଭାରତ ଓ ପାକିସ୍ତାନ ମିଳିତ ଭାବେ ଆୟୋଜନ କରିଥିଲେ। ଏସିଆ କପ୍ ଆରମ୍ଭ ହେବା ପୂର୍ବରୁ ସମସ୍ତେ ସାଲଭେଙ୍କ ଅବଦାନକୁ ମନେ ପକାଇଥାନ୍ତି।






# ଫେବୃଆରୀ ୭ରୁ ଟି-୨୦ ବିଶ୍ୱକପ୍


ଆସନ୍ତାବର୍ଷ ଭାରତ ଓ ଶ୍ରୀଲଙ୍କାରେ ଖେଳାଯିବାକୁ ଥିବା ୨୦୨୬ ଟି-୨୦ ଲାଗି ଆଇସିସି ପ୍ରସ୍ତୁତି ଆରମ୍ଭ କରି ଦେଇଛି। ଆସନ୍ତା ଟି-୨୦ ବିଶ୍ୱକପ୍‌ରେ ୨୦ଟି ଦଳ ଅଂଶଗ୍ରହଣ କରିବା ଏକପ୍ରକାର ନିଶ୍ଚିତ ଥିଲା ବେଳେ ଫେବୃଆରି ୭ରୁ ମାର୍ଚ୍ଚ ୮ ତାରିଖ ପର୍ଯ୍ୟନ୍ତ ଏହି ବହୁରାଷ୍ଟ୍ରୀୟ ପ୍ରତିଯୋଗିତାକୁ ଆୟୋଜନ କରିବାକୁ ଆଇସିସି ନୀତିଗତ ନିଷ୍ପତ୍ତି ନେଇ ସାରିଥିବା ଜଣାପଡ଼ିଛି। ଉଭୟ ଭାରତ ଓ ଶ୍ରୀଲଙ୍କାକୁ ମିଶାଇ ମୋଟ ପାଞ୍ଚଟି ସ୍ଥାନରେ ବିଶ୍ୱକପ୍‌ର




ଏହି ସଂସ୍କରଣ ଖେଳାଯିବ। ପାକିସ୍ତାନର ଖେଳିବାକୁ ଆଖି ଆଗରେ ରଖି ଫାଇନାଲ୍ ଅହମଦାବାଦ କିମ୍ବା କଲମ୍ବୋରେ ଆୟୋଜିତ ହେବ। ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ଘଟଣା ଏବଂ ତା'ପରେ ହୋଇଥିବା ଅପରେସନ୍ ସିନ୍ଦୂର ପରେ ଭାରତ ଓ ପାକିସ୍ତାନ ପରସ୍ପର ବିପକ୍ଷରେ ଖେଳିବାକୁ ଅମଙ୍ଗ ହେଉଛନ୍ତି। ହାଇବ୍ରିଡ୍ ମଡେଲକୁ ସମାଧାନର ବାଟ ଭାବେ ନିଆଯାଇଛି। ଚଳିତ ଏସିଆ କପ୍‌ରେ ସେଥିପାଇଁ ଉଭୟ ଦଳ ନିରପେକ୍ଷ ସ୍ଥାନ ୟୁଏଇରେ ମ୍ୟାଚ୍ ଖେଳୁଛନ୍ତି। ତଦନୁଯାୟୀ ଯଦି ପାକିସ୍ତାନ ଫାଇନାଲ୍ ଯାଏ, ତାହେଲେ ଏହି ମ୍ୟାଚ୍ କଲମ୍ବୋରେ ଖେଳାଯିବ। ଅନ୍ୟଥା ଅହମଦାବାଦରେ ଖେଳାଯିବ। ଏହି ବିଷୟରେ ଆଇସିସି ଆସନ୍ତା କିଛି ଦିନ ମଧ୍ୟରେ ଆନୁଷ୍ଠାନିକ ଘୋଷଣା କରିବାର ସମ୍ଭାବନା ରହିଛି। ସଂପ୍ରତି ଭାରତ, ଶ୍ରୀଲଙ୍କା, ଆଫଗାନିସ୍ତାନ, ଅଷ୍ଟ୍ରେଲିଆ, ବାଂଲାଦେଶ, ଇଂଲଣ୍ଡ, ଦକ୍ଷିଣ ଆଫ୍ରିକା, ୟୁଏସ୍‌ଏ, ୱେଷ୍ଟଇଣ୍ଡିଜ୍, ନ୍ୟୁଜିଲାଣ୍ଡ, ପାକିସ୍ତାନ, ଆୟର୍ଲାଣ୍ଡ, କାନାଡ଼ା, ନେଦରଲାଣ୍ଡସ୍ ଓ ଇଟାଲୀ ଭଳି ୧୫ଟି ଦଳ ୨୦୨୬ ଟି-୨୦ ବିଶ୍ୱକପ୍ ଲାଗି ଯୋଗ୍ୟତା ଅର୍ଜନ କରିସାରିଛନ୍ତି। ୟୁରୋପୀୟ ଦେଶ ଇଟାଲୀ ପ୍ରଥମ ଥର ଲାଗି ବିଶ୍ୱକପ୍ ଲାଗି ଯୋଗ୍ୟତା ହାସଲ କରି ଇତିହାସ ରଚିଛି। ଅବଶିଷ୍ଟ ୫ଟି ଦଳ ମଧ୍ୟରୁ ଦୁଇଟି ଆଫ୍ରିକୀୟ ଏବଂ ତିନିଟି ଏସିଆ ପାସିଫିକ୍ ଯୋଗ୍ୟତା ପର୍ଯ୍ୟାୟରୁ ବଛାହେବେ। ଏହି ବିଶ୍ୱକପ୍‌ର ଫର୍ମାଟ୍ ୨୦୨୪ରେ ୱେଷ୍ଟଇଣ୍ଡିଜ୍ ଓ ଆମେରିକାରେ ଆୟୋଜିତ ହୋଇଥିବା ୨୦୨୪ ଟ୍ୱେଣ୍ଟି-୨୦ ବିଶ୍ୱକପ୍ ସହ ସମାନ ରହିବ। ୨୦ଟି ଦଳକୁ ୪ଟି ଗ୍ରୁପ୍‌ରେ ବିଭକ୍ତ କରାଯିବ। ପ୍ରତି ଗ୍ରୁପ୍‌ରେ ୫ଟି ଦଳ ରହିବେ। ପ୍ରତି ଗ୍ରୁପ୍‌ର ଶ୍ରେଷ୍ଠ ଦୁଇ ଦଳ ସୁପର-୮କୁ ଉନ୍ନିତ ହେବେ। ସୁପର-୮ରେ ଦୁଇଟି ଗ୍ରୁପ୍‌ରେ ଚାରିଟି ଲେଖାଏଁ ଦଳ ସ୍ଥାନ ପାଇବେ। ଉଭୟ ଗ୍ରୁପ୍‌ର ଶ୍ରେଷ୍ଠ ଦୁଇ ଦଳ ସେମିଫାଇନାଲ୍ ଟିକେଟ ହାସଲ କରିବେ। ଗତ ସଂସ୍କରଣରେ ଦକ୍ଷିଣ ଆଫ୍ରିକାକୁ ହରାଇ ଭାରତ ବିଜେତା ହୋଇଥିଲା। ସେହି ପ୍ରତିଯୋଗିତାରେ ୫୫ ମ୍ୟାଚ୍ ଖେଳାଯାଇଥିଲା। ଏଥର ମଧ୍ୟ ସେହି ୫୫ ମ୍ୟାଚ୍ ଖେଳାଯିବାର ଯଥେଷ୍ଟ ସମ୍ଭାବନା ରହିଛି। ଭାରତ ଶେଷ ଥର ଲାଗି ୨୦୧୬ ଏବଂ ଶ୍ରୀଲଙ୍କା ୨୦୧୨ରେ ଟି-୨୦ ବିଶ୍ୱକପ୍ ଆୟୋଜନ କରିଥିଲା। ଆସନ୍ତାବର୍ଷର ପ୍ରଥମ ୪ ମାସରେ କିନ୍ତୁ ଭାରତ ଏକାଧିକ ପ୍ରତିଯୋଗିତା ଆୟୋଜନ କରିବ। ଜାନୁଆରୀ-ଫେବ୍ରୁଆରିରେ ଡବ୍ଲ୍ୟୁପିଏଲ୍ ଖେଳାଯିବା ପରେ ମହିଳା ଟି-୨୦ ବିଶ୍ୱକପ୍, ତା'ପରେ ଆଇପିଏଲ୍ ଖେଳାଯିବ। ଭାରତ ମଧ୍ୟ ଘରୋଇ ପରିବେଶରେ ଜାନୁଆରୀ ୧୧ରୁ ୩୧ ମଧ୍ୟରେ ନ୍ୟୁଜିଲାଣ୍ଡ ବିପକ୍ଷରେ ଦିନିକିଆ ଓ ଟି-୨୦ ଶୃଙ୍ଖଳା ଖେଳିବ।

# ବଲିଉଡ୍‌ରେ ଧୋନୀ

ଭାରତୀୟ ଟିମ୍‌ର ପୂର୍ବତନ କ୍ରିକେଟର ଏମଏସ୍ ଧୋନୀ ସବୁଠୁ ସଫଳ ଅଧିନାୟକଙ୍କ ମଧ୍ୟରେ ଜଣେ। ସେ ତିନୋଟି ଆଇସିସି ଟ୍ରଫି (ଟି-୨୦ ବିଶ୍ୱ କପ୍, ୱାନଡେ ବିଶ୍ୱ କପ୍ ଓ ଚାମ୍ପିଅନସ୍ ଟ୍ରଫି) ଜିତି ଥିବା ଏକମାତ୍ର ଅଧିନାୟକ। ଜଣେ ଅଧିନାୟକ ଭାବେ ଧୋନୀଙ୍କର କ୍ୟାରିୟର ଖୁବ୍ ଭଲ ରହିଥିଲା। ତାଙ୍କର ଅଧିନାୟକତ୍ୱରେ ଭାରତୀୟ ଟିମ୍ ଖୁବ୍ ସଫଳତା ହାସଲ କରିଥିଲା। ଭାରତୀୟ କ୍ରିକେଟର ଏହି ପୂର୍ବତନ ଅଧିନାୟକ ବଲିଉଡ୍‌ର ଏକ ଆକ୍ସନ ପ୍ୟାକ୍ ମୁଭିରେ ନଜର ଆସିବାକୁ ଯାଉଛନ୍ତି। ବଲିଉଡ ଷ୍ଟାର ଆର୍ ମାଧବନ ନିଜର ଆଗାମୀ ଫିଲ୍ମ 'ଦ ଚେଜ୍'ର




ଟିଜର ଜାରି କରିଥିଲେ, ଯେଉଁଥିରେ ପୂର୍ବତନ କ୍ରିକେଟର ଏମଏସ୍ ଧୋନୀ ଟାସ୍କ ଫୋର୍ସ ଅଫିସରର ଭୂମିକାରେ ନଜର ଆସିବେ। ଯାହାର ନିର୍ଦ୍ଦେଶନା ଭାସଲ ବାଲା ଦେଇଛନ୍ତି। ଟିଜରରେ ମାଧବନ ଓ ଧୋନୀ ଉଭୟ କଳା କପଡା ପିନ୍ଧିଥିବା, ବୁଲେଟପ୍ରୁଫ୍ ଜ୍ୟାକେଟ୍ ଓ କଳା ଚଷମା ସହ ଏକ ମିଶନ ପୂରା କରୁଥିବାର ଦେଖିବାକୁ ମିଳୁଛି। ଧୋନୀଙ୍କୁ ଟାସ୍କ ଫୋର୍ସ ଅଫିସରର ରୋଲ୍‌ରେ ଦେଖି ପ୍ରଶଂସକ ଆଶ୍ଚର୍ଯ୍ୟ ହୋଇ ଯାଇଛନ୍ତି। ପ୍ରଶଂସକ ଏହାକୁ ଧୋନୀଙ୍କର ବଡ଼ ପରଦାରେ ଡେବ୍ୟୁ ବୋଲି କହୁଛନ୍ତି।

**ନିକଟରେ ପରଦାକୁ ଫେରିଛି ନବେଦଶକର ପରିଚିତ ଧାରାବାହିକ କ୍ୟୁଁ କି ସାସ୍ ଭି କଭି ବୋହୁ ଥି । ଏଥିରେ ପପୁଲାର ଚରିତ୍ର ମିହିର ବିରାନୀରେ ଅଭିନୟ କରିଥିବା ଅମର ଉପାଧ୍ୟାୟ ବର୍ତ୍ତମାନ ପୁଣି ଚର୍ଚ୍ଚାକୁ ଫେରିଛନ୍ତି । ନିଜର ନିଖୁଣ ଅଭିନୟ ପାଇଁ ଦର୍ଶକଙ୍କ ମନରେ ରାଜ କରୁଥିବା ଅମର ବର୍ତ୍ତମାନ ମିହିର ହୋଇ ପୁଣି ଦର୍ଶକଙ୍କ ମନୋରଞ୍ଜନ କରୁଛନ୍ତି ।**

# ମିଷ୍ଟର ବିରାନୀ

ନିକଟରେ ଏକତା କପୁରଙ୍କ ପରିଚିତ ଧାରାବାହିକ କ୍ୟୁଁ କି ସାସ୍ ଭି କଭି ବୋହୁ ଥିର ଦ୍ୱିତିୟ ଭାଗ ରିଲିଜ୍ ହୋଇଛି । ଏଥିରେ ଦର୍ଶକ ପୂର୍ବ ପରିଚିତ ଯୋଡି ମିହିର ଓ ତୁଳସୀଙ୍କୁ ଦେଖିବାକୁ ପାଉଛନ୍ତି । ମିହିର ଭାବେ ଅମର ଓ ତୁଳସୀ ଭାବେ ସ୍ମୃତି ଇରାନୀଙ୍କୁ ଦର୍ଶକ ଦେଖିବାକୁ ପାଉଛନ୍ତି । ୧୯୭୬ରେ ଜନ୍ମିତ ଅମର ୧୯୯୩ରୁ ଇଣ୍ଡଷ୍ଟ୍ରୀରେ ଆକ୍ଟିଭ ଅଛନ୍ତି । ପାଖାପାଖି ୩୦ ବର୍ଷ ଧରି ସେ ନିରନ୍ତର ଦର୍ଶକଙ୍କ ମନୋରଞ୍ଜନ କରିଆସୁଥିବା ଦେଖିବାକୁ ମିଳିଛି । ସମସ୍ତେ ତାଙ୍କ ନିଖୁଣ ଅଭିନୟ ପାଇଁ ତାଙ୍କୁ ଖୁବ ପସନ୍ଦ କରୁଛନ୍ତି । ଗୁଜୁରାଟରେ ଜନ୍ମିତ ଅମରଙ୍କର ପିଲାଦିନ କଟିଥିଲା ମୁମ୍ବାଇରେ । ଏହାପରେ ନିଜର ପାଠ ପଢା ସରିବା ପରେ ସେ ପୁନେ ଫିଲ୍ମ ଆଣ୍ଡ ଟେଲିଭିଜନ କଲେଜରେ ଶିକ୍ଷା ସମାପ୍ତ କରିଥିଲେ । ଏହାପରେ ଇଣ୍ଡଷ୍ଟ୍ରୀରେ କାମ କରିବା ଆରମ୍ଭ କରିଥିଲେ । ୧୯୯୩ରେ ତାଙ୍କର ଏକ ଫଟୋ ମାଗାଜିନରୁ ଦେଖି ଅଭିନେତ୍ରୀ ଜୟା ବଚ୍ଚନ ତାଙ୍କୁ ଟିଭି ସିରିଜ୍ ଦେଖ ଭାଇ ଦେଖ ଅଫର କରିଥିଲେ ।



ଏହାପରେ ଆଉ ପଛକୁ ଫେରି ନାହାନ୍ତି ଅମର । ଏହାପରେ ଅନେକ ଟିଭି ସିରିଏଲ ଯେପରି ଆରଜୁ, ସୁହାନା ସଫର, ତୁଳସୀ ଭଳି ଘାରା ବାହିକରେ କାମ କରିଥିଲେ । ଏହାପରେ ୨୦୦୦ ମସିହାରେ ତାଙ୍କର ଧାରାବାହିକ କ୍ୟୁଁ କି ସାସ୍ ଭି କଭି ବୋହୁ ଥି ଟିଭିରେ ଆସିଥିଲା । ଏଥିରେ ସେ ସ୍ମୃତି ଇରାନୀଙ୍କର ସ୍ୱାମୀ ଭୂମିକାରେ ଅଭିନୟ କରିଥିଲେ । ଏହି ଧାରାବାହିକ ତାଙ୍କୁ ଏକ ସ୍ୱତନ୍ତ୍ର ପରିଚୟ ଦେଇଥିଲା । ଘରେ ଘରେ ଲୋକତାଙ୍କୁ ମିହିର ବିରାନୀ ନାମରେ ଜାଣିବା ଆରମ୍ଭ କରିଥିଲେ । ତାଙ୍କ ନିଖୁଣ ଅଭିନୟ ଦର୍ଶକଙ୍କୁ ଖୁବ ପସନ୍ଦ ଆସିଥିଲା । କେବଳ ଟିଭି ଧରାବାହିକ ନୁହେଁ ଏହାପରେ ୧୯୯୮ରେ ସେ ଫିଲ୍ମ ଡେବ୍ୟୁ ମଧ କରିଥିଲେ । ତାଙ୍କୁ ଫିଲ୍ମ ତୁଣ୍ଡତେ ରେହେ ଯାଓଗେରେ ଦେଖିବାକୁ ମିଳିଥିଲା । ଏହାପରେ ସେନ୍ସର, ଧୁନ୍ଦ, ଏଲ୍ଓସି କାର୍ଗିଲ, ଧର୍ମ ବୀର, ହମ୍ ବାହୁବଲୀ, ଏ ରିସ୍ତା ଅନମୋଲ ବା, ଓଭର ଟାଇମ ଭଳି ଫିଲ୍ମରେ ସେ ଅଭିନୟ କରି ସେ ଦର୍ଶକଙ୍କ ମନୋରଞ୍ଜନ କରିଥିଲେ । ଶେଷଥର ପାଇଁ ତାଙ୍କୁ ଭୁଲ ଭୁଲେୟାଁ ୨ରେ ଦେଖିବାକୁ ମିଳିଥିଲା । ବଡ ପରଦାରେ ଅଭିନୟ କରିବା ସହିତ ସେ ଛୋଟ ପରଦାରେ ମଧ୍ୟ ନିଜର ଅଭିନୟ ଜାରି ରଖିଥିଲେ । ଛୋଟ ପରଦା ପ୍ରତି ତାଙ୍କର ଥିବା ଭଲ ପାଇବା ସବୁବେଳେ ଦେଖିବାକୁ ମିଳିଥାଏ । ସେ ବଡ ପରଦାରେ ଅଭିନୟ କରି ମଧ୍ୟ ଛୋଟ ପରଦା ବା ଧାରାବାହିକ ଦୁନିଆକୁ କେବେ ବି ଭୁଲି ନଥିଲେ । ସେ ସବୁବେଳେ ଉଭୟକୁ ସମାନ ଭାବରେ ଦେଖନ୍ତି ବୋଲି ଅନେକ ସାକ୍ଷାତକାରରେ ମତ ଦେଇଛନ୍ତି ।